

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୧ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 MARCH 2025

Vol.No. 36 ■ No.57 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ପଞ୍ଚଭୂତରେ ବିଲୀନ ହେଲା ଅଭିନେତା ଉତ୍ତମ ମହାନ୍ତିଙ୍କ ମରଶରୀର : ବାବୁସାନ୍ ଦେଲେ ମୁଖାଗ୍ନି

ଭୁବନେଶ୍ୱର, ୨୮/୦୨ : (ନ.ପ୍ର) ଓଲିଉଡ୍‌ର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ପଂଚଭୂତରେ ବିଲୀନ ହୋଇଛନ୍ତି । ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯାଇଛି । ମରଶରୀରରେ ତାଙ୍କର ସୁପୁତ୍ର ବାବୁସାନ ମହାନ୍ତି ମୁଖାଗ୍ନି ଦେଇଥିଲେ । ଏହି ଅବସରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ଉତ୍ତମ ମହାନ୍ତି ୧୯୫୮ ଡିସେମ୍ବର ୨୩ ତାରିଖରେ ମୟୂରଭଞ୍ଜ ଜିଲ୍ଲା ବାରିପଦାରେ ଜନ୍ମ ଗ୍ରହଣ କରି ବାରିପଦା ଏମକେସି ଉଚ୍ଚବିଦ୍ୟାଳୟରୁ ସ୍କୁଲ ପାଠ୍ୟକ୍ରମ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ବିଜ୍ଞାନରେ ପଢ଼ିଥିଲେ । କଲେଜ ସମୟରେ ମଂଚ ନାଟକରେ ନିଜର ଅଭିନୟ ଦକ୍ଷତା ଦେଖାଇଥିଲେ ଓ ଚାଡାର୍ଟ ଆକାଉଣ୍ଟାଣ୍ଟ ପଢ଼ିବା ପାଇଁ ଲୁଧିଆନା ଚାଲିଆସିଥିଲେ । ବଡ଼ ଭାଇ ସ୍ୱର୍ଗତ ଅରୁଣ ମହାନ୍ତିଙ୍କ ପାଖରେ କୋଲକାତାରେ ପାଠପଢ଼ା ଜାରି ରଖିଥିବା ବେଳେ ୧୯୭୬ରେ ନିର୍ଦ୍ଦେଶକ ସାଧୁ ମେହେର 'ଅଭିମାନ' ପାଇଁ ତାଙ୍କୁ ନେଇଥିଲେ । ସୁପରହିଟ୍ ହୋଇଥିଲା ଫିଲ୍ମ 'ଅଭିମାନ'ଓ ପରେ ଗୋଟିଏ ପରେ ଗୋଟିଏ ଫିଲ୍ମ କରିଚାଲିଲେ । ଶତାଧିକ ଓଡ଼ିଆ ଫିଲ୍ମରେ ଅପ୍ରତିଦ୍ୱନ୍ଦ୍ୱୀ ନାୟକ ଭାବେ କରିଥିଲେ ଅଭିନୟ । ରୋମାଣ୍ଟିକ ନାୟକ ଭାବେ ବେଶ୍ ପରିଚିତ ଥିଲେ । ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ଜଗତରେ ରାଜ କରିଥିଲେ । ଶେଷ କୃତ୍ୟ ବେଳେ ଉତ୍ତମ ମହାନ୍ତିଙ୍କ ସଂପର୍କୀୟ, ପ୍ରଶଂସକ, ଶୁଭେଚ୍ଛୁ ଆଦି ଉପସ୍ଥିତ ଥିଲେ।

▶▶ପୃଷ୍ଠା ୭

ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା

ଭୁବନେଶ୍ୱର, ୨୮/୨(ନି.ପ୍ର) : ଆସନ୍ତା ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ମିଳିବ । ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କିସ୍ତି ଟଙ୍କା ମିଳିବ । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୁଭଦ୍ରା ଯୋଜନାକୁ ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଡ ଘୋଷଣା। ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଦ୍ୱିତୀୟ କିସ୍ତି । ଆନ୍ତର୍ଜାତିକ ମହିଳା ଦିବସରେ ସଶକ୍ତ ହେଲେ ମହିଳା। ଏକ କୋଟିରୁ ଅଧିକ ମହିଳାଙ୍କ ପାଖରେ ପହଞ୍ଚିବ ସୁଭଦ୍ରା ଟଙ୍କା । ବ୍ରହ୍ମପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି । ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଖାତାକୁ ଆସିସାରିଛି। ୪ର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମିଳିଛି ଟଙ୍କା । ଆଉ କିଛି ହିତାଧିକାରୀ ବାକି ରହିଥିବା ବେଳେ ସେମାନଙ୍କୁ ମଧ୍ୟ ସୁଭଦ୍ରା କିସ୍ତି ମିଳିବା ନେଇ ସୂଚନା ଦେଇସାରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ତେବେ ୨ୟ କିସ୍ତି ଆସିବା ପୂର୍ବରୁ ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା ମଧ୍ୟ କିଛି କିଛି ମହିଳାଙ୍କ ଖାତାକୁ ଆସୁଛି । ଏ ନେଇ ପୂର୍ବରୁ ବି ଘୋଷଣା କରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ମହିଳା ସୁଭଦ୍ରା ଟଙ୍କା ପାଇସାରିଥିବା ବେଳେ ଭାଗ୍ୟଶାଳୀ ଆଉ ୨ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯିବା ନେଇ ଘୋଷଣା କରିଥିଲେ ଉପମୁଖ୍ୟମନ୍ତ୍ରୀ । ଯେଉଁ ଯୋଗ୍ୟ ମହିଳାଙ୍କ ଖାତାକୁ ସୁଭଦ୍ରା ଟଙ୍କା ଆସିନାହିଁ ସେମାନେ ବ୍ୟସ୍ତ ନହେବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ବିଭିନ୍ନ କାରଣ ପାଇଁ ଯେଉଁମାନେ ସୁଭଦ୍ରା ଟଙ୍କା ପାଇନାହାଁନ୍ତି, ସେମାନଙ୍କୁ ଏକାବେଳେ ଦୁଇଟି କିସ୍ତି ଟଙ୍କା ମିଳିବ।

▶▶ପୃଷ୍ଠା ୭

ଉତ୍ତରାଖଣ୍ଡରେ ବର୍ଷା ଓ ବରଫପାତ ଜାରି : ହିମସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି

ଡେହରାଡୁନ, ୨୮/୦୨ : - ଉତରାଖଣ୍ଡରେ ବୁଧବାର ଠାରୁ ଲଗାତାର ବର୍ଷା ଏବଂ ପାର୍ବତ୍ୟାଚଂଳରେ ବରଫପାତ ଜାରି ରହିଛି । ଯାହାଦ୍ୱାରା ସାରା ରାଜ୍ୟରେ ଥଣ୍ଡା ବୃଦ୍ଧି ପାଇଛି । ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ଜାରି ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ଡେହରାଡୁନ ଆଜି ପାଇଁ ମଧ୍ୟ ବର୍ଷା ନେଇ ଚେତାବନୀ ଜାରି କରିଛି । ରାଜଧାନୀ ଡେହରାଡୁନରେ ଆଜି ସକାଳ ଠାରୁ ଆକାଶରେ ଘନ ବାଦଲ ଆଚ୍ଛାଦିତ ହୋଇ ରହିଛି ଏବଂ ଲଗାତାର ବର୍ଷା ହେଉଛି । ହରିଦ୍ୱାର, ଉଧମସିଂହନଗର, ଉତରକାଶୀ, ରୁଦ୍ରପ୍ରୟାଗ, ଟିହରି, ପୌଡ଼ି, ଚମୋଲି, ପିଥୌରାଗଢ଼, ବାଗେଶ୍ୱର, ଅଲମୋଡ଼ା, ନୈନିତାଲ ଏବଂ ଚମ୍ପାବତ ଜିଲ୍ଲାରେ ମଧ୍ୟ ବର୍ଷା ଜାରି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ୨୮୦୦ ମିଟରରୁ ଅଧିକ ଉଚ୍ଚ ବିଶିଷ୍ଟ ଅଂଚଳରେ ବରଫପାତର ସମ୍ଭାବନା ରହିଛି । ଏଥି ସହିତ ବିଭାଗ ପକ୍ଷରୁ ପାର୍ବତ୍ୟାଚଂଳରେ ରହିଥିବା ଜିଲ୍ଲା ଗୁଡିକରେ ବରଫପାତକୁ ନେଇ ୟେଲୋ ଆଲର୍ଟ ଜାରି ହୋଇଛି । ଏବଂ କିଛି ସ୍ଥାନରେ କୁଆପଥର ବର୍ଷାର ମଧ୍ୟ ସମ୍ଭାବନା ରହିଛି ।

ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୮/୦୨ (ନି.ପ୍ର) : ବିଶିଷ୍ଟ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍ତମ ମହାନ୍ତି ଥିଲେ ଓଡ଼ିଆ ସିନେ ଜଗତର ଧ୍ରୁବ ତାରା ସଦୃଶ। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ସେ ଓଡ଼ିଆ ସିନେମା ଜଗତର ଥିଲେ ଅପ୍ରତିଦ୍ୱନ୍ଦୀ ନାୟକ। ଓଡ଼ିଆ କଳା ଜଗତର ସେ ଥିଲେ ଆଇକନ। ଓଡ଼ିଆ ସହିତ ଅନେକ ବଙ୍ଗାଳୀ ଓ ଏପରିକି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ଉଚ୍ଚ ସ୍ତରକୁ ନେଇଥିଲେ। ତାଙ୍କ ବିୟୋଗ ଓଡ଼ିଆ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତମ ମହାନ୍ତିଙ୍କ ଶେଷକୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ପରଲୋକ ଗତ ଆତ୍ମାର ସଦଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି ।

ମସଜିଦରେ ବୋମା ବିସ୍ଫୋରଣ : ଘଟଣାସ୍ଥଳରେ ୫ ମୃତ, ଅନେକ ଆହତ

ନୂଆଦିଲ୍ଲୀ, ୨୮/୦୨ : ପାକିସ୍ତାନର ଉତ୍ତମ-ପଶ୍ଚିମ ଇଲାକାରେ ଥିବା ଏକ ମସଜିଦରେ ଭୟଙ୍କର ବୋମା ବିସ୍ଫୋରଣ ଘଟିଛି । ଏହି ବୋମା ବିସ୍ଫୋରଣରେ ୫ ପାକିସ୍ତାନୀ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ହୋଇଥିବା ସୂଚନା ମିଳିଛି । ପାକିସ୍ତାନର ଏକ ବରିଷ୍ଠ ପୋଲିସ ଅଧିକାରୀ ସ୍ଥାନୀୟ ଗଣମାଧ୍ୟମକୁ ଏହାକୁ ନେଇ ସୂଚନା ଦେଇଛନ୍ତି । ଅକ୍ରୁରା ଖଟକ ଜିଲ୍ଲାରେ ଏହି ଅଘଟଣ ଘଟିଛି । ବିସ୍ଫୋରଣ ବାବଦରେ ସୂଚନା ପାଇବା ପରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି । ପାକିସ୍ତାନର ଖାଇବର ଅଞ୍ଚଳରେ ଥିବା ଜାମିଆ ହାକାନିଆ ନାମକ ମସଜିଦରେ ଏହି ଅଘଟଣ ଘଟିଛି । ଏହି ମସଜିଦ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ରହିଥିବା ବେଳେ, ଆଫଗାନ ତାଲିବାନ ଏହା ଉପରେ ଅଧିକାର ଜାହିର କରି ଆସିଛି । ତେବେ ଆଜି ବୋମା ବିସ୍ଫୋରଣ କିଏ ଘଟାଇଛି ତାହାକୁ ନେଇ କୌଣସି ସୂଚନା ମିଳି ପାରିନାହିଁ । ରମଦାନ ମାସ ଆରମ୍ଭ ହେବାକୁ ଥିବା ବେଳେ ଏଭଳି ଘଟଣାକୁ ନେଇ ଭୟର ବାତାବରଣ ରହିଛି ।

ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ନବମ ଜାତୀୟ ସମ୍ମିଳନୀକୁ ଉଦଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା

ପୁରୀ ଭୁବନେଶ୍ୱର, ୨୯ ଫେବୃଆରୀ (ହି.ସ) କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଓଡ଼ିଶାର ପୁରୀଠାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉତ୍ତମ ଏବଂ ଅନୁକରଣଯୋଗ୍ୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ନବମ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଦ୍ୱାରା ସେମାନଙ୍କ ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ସର୍ବୋତ୍ତମ ଅଭ୍ୟାସ ଓ ନବୋନ୍ମେଷର ପ୍ରଦର୍ଶନ ଏବଂ ଦସ୍ତାବିଜ ପ୍ରସ୍ତୁତ କରାଯିବ। ଏହା ମଧ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଏବଂ ବିନିମୟ ପାଇଁ ଏକ ସୁଯୋଗ ପ୍ରଦାନ କରିଛି। ଏହି ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ଜେ. ପି. ନଡ୍ଡା ଉଲ୍ଲେଖ କରିଥିଲେ ଯେ ୨୦୧୪ ମସିହାରୁ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସେ କହିଥିଲେ ଯେ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଆରୋଗ୍ୟକାରୀ ସ୍ୱାସ୍ଥ୍ୟସେବାର ଆଭିମୁଖ୍ୟରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିଛି ଯାହା ଆରୋଗ୍ୟକାରୀ ସହ ପ୍ରତିଷେଧକ, ପ୍ରୋତ୍ସାହନକାରୀ ପରି ବ୍ୟାପକ ଦିଗକୁ ଅନ୍ତର୍ଭୁକ୍ତ କରେ। ସେହିଭଳି, କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରାଥମିକ ଏବଂ ମାଧ୍ୟମିକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହିତ ସରକାର ତୃତୀୟ ସ୍ତରର ସ୍ୱାସ୍ଥ୍ୟସେବାକୁ ମଧ୍ୟ ବହୁତ ପ୍ରୋତ୍ସାହନ ଦେଇଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ କେନ୍ଦ୍ର ସରକାର ଲୋକମାନଙ୍କ ପାଇଁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପରେ କରାଯାଇଥିବା କାର୍ଯ୍ୟ ସାମଗ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର ମୂଳଦୁଆକୁ ସୁଦୃଢ଼ କରିଛି ବୋଲି ସେ କହିଥିଲେ।

ଶ୍ରୀ ନଡ୍ଡା କହିଥିଲେ ଯେ ଭାରତରେ ମାତୃ ମୃତ୍ୟୁ ହାର (ଏମଏମଆର) ହ୍ରାସ ବିଶ୍ୱର ହ୍ରାସ ତୁଳନାରେ ଦୁଇଗୁଣ, ଯାହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲାଗି ନିଆଯାଇଥିବା ପ୍ରୟାସ ଉପରେ ଆଲୋକପାତ କରେ। ନବଜାତ ଶିଶୁ ମୃତ୍ୟୁ ହାର (ଆଇଏମଆର) ଏବଂ ୫ ବର୍ଷରୁ କମ୍ ମୃତ୍ୟୁ ହାରରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ଘଟିଛି। 'ଆଇଏମଆର ଏବଂ ଏମ୍‌ଏମ୍‌ଆରରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ସେ ଓଡ଼ିଶାକୁ ପ୍ରଶଂସା କରିଛନ୍ତି । ଅଣସଂକ୍ରାମକ ରୋଗର ବିପଦ ଉପରେ ଶ୍ରୀ ନଡ୍ଡା ଜୀବନଶୈଳୀରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

▶▶ପୃଷ୍ଠା ୭

ବରଫପାତ କାରଣରୁ କଶ୍ମୀରରେ ଯାତାୟତ: ରେଳସେବା ଓ ଉଡାଣ ବାଧାପ୍ରାପ୍ତ

ଶ୍ରୀନଗର, ୨୮ /୦୨ : କଶ୍ମୀର ଘାଟିରେ ଶୁକ୍ରବାର ସକାଳେ ଲଗାତର ଖରାପ ପାଗ କାରଣୁ ଜାତୀୟ ରାଜପଥ, ଆକାଶ ଯାତ୍ରା ଓ ରେଳ ସଂପର୍କ ବାଧାପ୍ରାପ୍ତ ହୋଇଛି ।ଅଧିକାରୀଙ୍କ ମୁତାବକ ରାମସୁ ଓ କାଜିଗୁଂଡ ମଧ୍ୟରେ ବରଫ ଜମା ହେବା କାରଣରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଅବରୁଦ୍ଧ ହୋଇଥିବା ବେଳେନାଶରୀ ଓ ନବଯୁଗ ସୁଡଙ୍ଗ ମଧ୍ୟରେ ପଥର ଖସିବା, ଭୂସ୍ଖଳନ ଓ ମାଟି ଧସିବା ସ୍ଥିତି ସୃଷ୍ଟି ହୋଇଛି । ରାଗି ନାଳାରେ ଭୂସ୍ଖଳନ କାରଣରୁ ବଟୋଟ-ଡୋଡା ରାସ୍ତା ବି ବନ୍ଦ ରହିଛି । ଏସଏସଜି ରୋଡ୍, ଭଦ୍ରବାହ-ଚମ୍ବା ରୋଡ, ମୋଗଲ ରୋଡ ଓ ସିନ୍ଥୁନ ରୋଡ ସହିତ ଅନ୍ୟ ମାର୍ଗ ବି ବନ୍ଦ ରହିଛି । ଖରାପ ପାଗ କାରଣୁ କଶ୍ମୀରରେ ଆକାଶମାର୍ଗରେ ଯାତ୍ରା, ରେଳଯାତ୍ରା ବାଧାପ୍ରାପ୍ତ ହୋଇଛି । ଫଳରେ ଶ୍ରୀନଗର ଅନ୍ତର୍ଜାତୀୟ ଏୟାରପୋର୍ଟରୁ ସକାଳେ ସମସ୍ତ ଉଡାଣରେ ବିଳମ୍ବ ହୋଇଛି । ଟ୍ରେନ ସେବା ବି ଆଶିଂକ ଭାବେ ପ୍ରଭାବିତ ହୋଇଛି ।

ପଶ୍ଚିମବଙ୍ଗରେ ପୁଣି ଥରେ ଭୂକମ୍ପ ଝଟ୍‌କା

କୋଲକାତା, ୨୮ /୦୨ : ପଶ୍ଚିମବଙ୍ଗର ଉତର ଅଂଚଳରେ ପୁଣି ଥରେ ଭୂକମ୍ପ ଝଟ୍‌କା ଅନୁଭୂତି ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ନେପାଳରେ ଜୋରଦାର ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ରେକର୍ଡ ହୋଇଛି । ଏହି ଭୂକମ୍ପର ଝଟ୍‌କା ବିହାରର ପାଟଣା ଓ ପଶ୍ଚିମବଙ୍ଗର ସିଲିଗୁଡି ଯାଏ ଅନୁଭୂତ ହୋଇଛି । ଯାହାପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ସିଲିଗୁଡିରେ ରାତି ସମୟରେ ଏହି ଝଟ୍‌କା ପରେ ବହୁ ସଂଖ୍ୟାରେ ଲୋକେ ବାହାରକୁ ଚାଲିଆସିଥିଲେ ।

ତୁହିନକାନ୍ତ ପାଣ୍ଡେ ହେଲେ ସେବି ମୁଖ୍ୟ

ଭୁବନେଶ୍ୱର, ୨୮/୦୨ : (ନି.ପ୍ର) ତୁହିନକାନ୍ତ ପାଣ୍ଡେ ହେଲେ ସେବି ମୁଖ୍ୟ । ଏ ବିଷୟରେ କେନ୍ଦ୍ର ପକ୍ଷରୁ ପ୍ରକାଶ ପାଇଛି ବଜ୍ଞପ୍ତି । ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ଶ୍ରୀ ପାଣ୍ଡେ ଓଡ଼ିଶାରେ ସ୍ୱାସ୍ଥ୍ୟ, ସାଧାରଣ ପ୍ରଶାସନ, ବାଣିଜ୍ୟିକ ଟିକସ, ପରିବହନ ଓ ଅର୍ଥ ବିଭାଗରେ କାର୍ଯ୍ୟ କରିଥିଲେ। ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ଶ୍ରୀ ପାଣ୍ଡେ ଓଡ଼ିଶାରେ ସ୍ୱାସ୍ଥ୍ୟ, ସାଧାରଣ ପ୍ରଶାସନ, ବାଣିଜ୍ୟିକ ଟିକସ, ପରିବହନ ଓ ଅର୍ଥ ବିଭାଗରେ କାର୍ଯ୍ୟ କରିଥିଲେ । ସେ ଓଡ଼ିଶା ରାଜ୍ୟ ଅର୍ଥ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେଙ୍କୁ ପୁଞ୍ଜି ବଜାରର ନିୟାମକ ସଂସ୍ଥା 'ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ' (ସେବି)ର ନୂଆ ଅଧ୍ୟକ୍ଷ ଭାବେ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି । ଏହି ପଦରେ ସେ ତିନି ବର୍ଷ କାର୍ଯ୍ୟ କରିବେ । ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି । ସେ ଓଡ଼ିଶା ରାଜ୍ୟ ଅର୍ଥ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ସମ୍ବଲପୁରର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ମଧ୍ୟ ଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଓ ବ୍ରିଟେନ୍‌ର

▶▶ପୃଷ୍ଠା ୭

ଓଡିଶାର ଇତିହାସ ସମ୍ପର୍କରେ ବ୍ୟାପକ ଗବେଷଣା ଆବଶ୍ୟକ

ଗବେଷକ, ଐତିହାସିକ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ଡ଼ଃ ଅଜିତ ତ୍ରିପାଠୀଙ୍କ ପୁସ୍ତକ 'ଗୌତମ ବୁଦ୍ଧ 'ଲୋକାର୍ପିତ

ଭୁବନେଶ୍ୱର, ୨୮/୨ (ନି.ପ୍ର): ବିଶିଷ୍ଟ ଐତିହାସିକ, ଗବେଷକ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ଡ଼ଃ ଅଜିତ କୁମାର ତ୍ରିପାଠୀଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ 'ଗୌତମ ବୁଦ୍ଧ' ପୁସ୍ତକ ସ୍ଥାନୀୟ ଶହୀଦ ନଗରସ୍ଥିତ ଜୟଦେବ କଂପ୍ଲେକ୍ସଠାରେ ଶୁଭ ଉନ୍ମୋଚନ ହୋଇଯାଇଛି । ଗୀତା ବେହେରାଙ୍କ ସଂଯୋଜନା ଓ ଶୁଭମ ଓଝାଙ୍କ ଗୌତମ ବୁଦ୍ଧଙ୍କ ଉପରେ ଆଧାରିତ ସାଂସ୍କୃତିକ ନୃତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ଃ ଅଜିତ କୁମାର ତ୍ରିପାଠୀ, ବିଶିଷ୍ଟ ବକ୍ତା ଭାବେ ସଂସ୍କୃତି ପୁରୁଷ, ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ଡ଼ଃ ପ୍ରଫୁଲ୍ଲ କୁମାର ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡ଼ ସୁନୀଲ କୁମାର ମିଶ୍ର, ପଣ୍ଡିତ ଗଦାଧର ମହାପାତ୍ର, ଉପସ୍ଥିତ ରହିବା ସହ ଗୌତମ ବୁଦ୍ଧଙ୍କ ଜୀବନ ଦର୍ଶନ ସାରା ବିଶ୍ୱକୁ ଆଲୋକିତ କରିବା ସହ ପଥ ପ୍ରଦର୍ଶନ କରିଛି ବୋଲି ମତରଖିଥିଲେ । ଗୌତମ ବୁଦ୍ଧଙ୍କ ନାମରେ କିଛି ଅଣ ଓଡ଼ିଆ ମିଥ୍ୟା ପ୍ରଚାରରେ ଲିପ୍ତ ଅଛନ୍ତି । ମୁଖ୍ୟବକ୍ତା ଭାବେ ବାଗ୍ମୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ମତବ୍ୟକ୍ତ କରି କହିଥିଲେ ଯେ ଓଡିଶାର ଇତିହାସର ସଠିକ ଗବେଷଣା, ବିସ୍ଲେସଣ ସହ ପ୍ରାମାଣିକ ତଥ୍ୟ ଆକାରରେ ପ୍ରକାଶ ପାଇବା ଆବଶ୍ୟକ । ଆଜିର ଯୁବପିଢ଼ି ତଥା ସମଗ୍ର ଓଡ଼ିଆମାନେ ଓଡ଼ିଶାର ସ୍ୱାଭିମାନ, ସମ୍ମାନ, ଗବେଷଣା ପାଇଁ ଆଗେଇ ଆସିବା ଆବଶ୍ୟକ । ଏହା ସହିତ ଡ଼ଃ ତ୍ରିପାଠୀଙ୍କୁ ଜଣେ ମହାନ ସାରସ୍ୱତ ସାଧକ, ଗବେଷକ ବୋଲି କହିବା ସହିତ ଆଜିର ଗବେଷକ ମାନେ ତାଙ୍କ ପରି ବ୍ୟକ୍ତିତ୍ୱଙ୍କ ପଦାଙ୍କ ଅନୁସରଣ କରନ୍ତୁ ବୋଲି କହିଥିଲେକ୍ଷ ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରି କହିଥିଲେ ଯେ ଗୌତମ ବୁଦ୍ଧଙ୍କ ଅନୁଷ୍ଠାନ ସହ ୪୦ ବର୍ଷର ସମ୍ପର୍କ ଓ ଗୌତମ ବୁଦ୍ଧଙ୍କ ନୀତି, ବାଣୀ ପ୍ରଚାର, ପ୍ରସାର ସହ ସମାଜକୁ ଆଲୋକର ମାର୍ଗ ଦେଖାଇଛନ୍ତି ବୁଦ୍ଧ । ବୁଦ୍ଧଙ୍କ ସମ୍ପର୍କରେ କହିବା ବହୁତକଷ୍ଟ ସାଧ୍ୟ । ବିଭିନ୍ନ ପୁସ୍ତକରେ ବୁଦ୍ଧଙ୍କ ବିଷୟରେ ବହୁ ବିବାଦପୂର୍ଣ୍ଣ ତଥ୍ୟ ଅଛି । ତାହା କୌଣସି ଗୁଣରେ ପରିପ୍ରେକ୍ଷୀରେ ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମକୁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପୁସ୍ତକ ପ୍ରକାଶକ ଅମରେନ୍ଦ୍ର ମହାପାତ୍ର,ପଦ୍ମନାଭ ତ୍ରିପାଠୀ ପରିଚାଳନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ କୃଷ୍ଣ କେଶବ ଆପଟ ।

ମୃତ୍ୟୁକୁ ୨ବର୍ଷ ପୁରିବାକୁ ବସିଲା; ହେଲେ ମୃତ ଶିକ୍ଷୟତ୍ରୀଙ୍କୁ ପେନସନ ମିଳିଲାନି

ରାଉରକେଲା, ୨୮/୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକରେ ଦୀର୍ଘ ବର୍ଷ ଶିକ୍ଷକତା କରି ଅସୁସ୍ଥତା ଲାଗି ମୃତ୍ୟୁବରଣ କରିଥିବା କାମିନୀଭଂଜ/ସାମଲଙ୍କୁ ଆଜିଯାଏ ଲାଠିକଟା ବ୍ଲକ ଶିକ୍ଷାଧୀକାରୀଙ୍କ କାର୍ଯ୍ୟାଳୟ ପେନସନ ଓ ତାଙ୍କର ଚାକିରୀ କାଳରେ ପାଇବାକୁ ଥିବା ପ୍ରାପ୍ୟରୁ ଟଙ୍କାଟିଏହେଲେ ଦେବାରେ ସକ୍ଷମ ହେଲାନାହିଁ କିମ୍ବା ତାଙ୍କ ପରିବାରର କାହାକୁ ଚାକିରୀଟିଏ ଦେବାଲାଗି ମଧ୍ୟ ବ୍ୟବସ୍ଥା କଲାନାହିଁ ଯାହାକି ସମଗ୍ର ଜିଲ୍ଲାର ଶିକ୍ଷକସମାଜ ଓ ଜାଣିବାଶୁଣିବା ମହଲକୁ ଆଶ୍ଚର୍ଯ୍ୟ କରିଛି । ଏଭଳି କାରବାର ପଛରେ କିରାଣି, ଅଫିସରମାନଙ୍କର ମନମାନି ଓ ଭିନ୍ନ ମାନସିକତା କାମ କରୁଛି ବୋଲି ଖବର ମିଳିଛି ।କାମିନୀ ଭଂଜ ଗତ ୨୦୨୩ ମସିହା ମାର୍ଚ୍ଚ ୧୭ରେ କିଡନୀ ଫେଲୁଅର ଲାଗି ମୃତ୍ୟୁବରଣ କଲେ ।ତାପରେ ତାଙ୍କ ନୋମିନୀ ମୋତିଲାଲ ଭଂଜ ଜୁଲାଇ ମାସ ୨୦୨୩ରେ ସମସ୍ତ କାଗଜପତ୍ର ବିଇଓ ଅଫିସ ଲାଠିକଟାକୁ ପ୍ରଦାନ କରି ତାଙ୍କର ପ୍ରାପ୍ୟ ପାଇବାକୁ ଚାହିଁଥିଲେ, କିନ୍ତୁ ଆଜିଯାଏ କିଛି ହେଲାନାହିଁ, ଜାନୁଆରୀ ୨୦୨୪ ଯାଏ ବୃଦ୍ଧ ନୋମିନୀଙ୍କୁ ଲାଠିକଟା ବିଇଓ ଅଫିସ ଦଉଡାଇ ଚାଲିଲା ଓ ଅନେକ କାଗଜପତ୍ର ମାଗି ଚାଲିଲା ।୨୦୨୪ ଜାନୁଆରୀରେ ପୁଣି ନୋମିନୀ ବିଇଓ ଅଫିସରେ ଦେଖା କରିବାରୁ ତାଙ୍କୁ କୁହାଗଲା ପୁଣି କାଗଜପତ୍ର ଦିଅ , ପୁଣି ସେ କାଗଜପତ୍ର ଦେବାସହ ମୃତା ଶିକ୍ଷୟତ୍ରୀଙ୍କ ସାଙ୍ଗିଆକୁ ନେଇଥିବା ବିବାଦ ଲାଗି ଏକ ଆଫିଡିଭିଟ ମଧ୍ୟ ଦେଲେ ।ତାପରେ ପଚରାଜିବାରୁ ବିଇଓ ଅଫିସ କହିଲେ କାମ ଚାଲିଛି ଅମୁକା ଆଣ, ସମୁକା ଆଣ । ଏମିତି ଦଉଡାଇବା ସହ ଜିଲ୍ଲା ଡିଇଓଙ୍କ ଅଫିସକୁ ଜିବାକୁ ବୃଦ୍ଧ ନୋମିନୀଙ୍କୁ କୁହାଗଲା, ତାପରେ ମୃତା ଶିକ୍ଷୟତ୍ରୀଙ୍କ ପୁଅ ଓ ସ୍ୱାମୀ ସୁନ୍ଦରଗଡ ଡିଇଓ ଅଫିସକୁ ଗଲେ, ଡିଇଓ ଅଫିସ ବାଲା କହିଲେ କହିଲେ ଆମ ହାତରେ କିଛିନାହିଁ ସେମାନେ ସବୁ କରିବେ, ଅର୍ଥାତ ବିଇଓ ଅଫିସ ଲାଠିକଟା ସବୁ କରିବ, ପୁଣି ବାପପୁଅ ଲାଠିକଟା ଦଉଡିଲେ, ବିଇଓ ଅଫିସ ପୁଣି କହିଲେ ଆଉଥରେ ଆବେଦନ କର, କାରଣ ମୃତାଙ୍କ ସାଙ୍ଗିଆକୁ ନେଇ ଥିବା ବିବାଦ ଲାଗି ପ୍ରଥମେ କିଛି ନଜାଣିଥିବା କିମ୍ବା ତାଙ୍କୁ ବିଇଓ ଅଫିସ କିଛି କହିନଥିବା ଲାଗି ପୁଅ ଏକ ଆଫିଡିଭିଟି ଦେଇଥିଲେ । ପରେ ପୁଣି ମୃତ ଶିକ୍ଷୟତ୍ରୀଙ୍କ ସ୍ୱାମୀ ମୋତିଲାଲ ଭଂଜ ଆଉ ଏକ ଆଫିଡିଭିଟି ସହ ଆଉଥରେ ଆବେଦନ କଲେ । ଆବେଦନ କରିବା ଭିତରେ ୨ ଜଣ କିରାଣି ପରିବର୍ତନ ମଧ୍ୟ ହୋଇଗଲେ । ବର୍ତମାନ ଏକ ମାସ ହେଲା ଦରଖାସ୍ତ ଦିଆଗଲାଣି, କିନ୍ତୁ କୌଣସି ଉତର ମିଳିନାହିଁ, ବିଇଓ ଅଫିସ ଆଜି କହିଛି ଆଗାମୀ ଦିନରେ ହେବାକୁ ଥିବା ପେନସନରେ ତମର କାମ ହେବ ।୨ ବର୍ଷ କାଳ ଅପକ୍ଷା କରି କରି କିଛି ସୁଫଳ ପାଇନଥିବା ଏହି ପରିବାର କେବେ ପେନସନ ପାଇବେ ତାକୁ ଚାତକ ଭଳି ଚାହିଁଥିବା ବେଳେ, ନିୟମ ଅନୁଶାରେ ଏହି ମାମଲାରେ ମୃତ ଶିକ୍ଷୟିତ୍ରୀଙ୍କ ପିଲା କିମ୍ବା ତାଙ୍କ ସ୍ୱାମୀ ଚାକିରୀ ପାଇବା କଥା, କିନ୍ତୁ ଏନେଇ ବିଇଓ ଅଫିସ ସେମାନଙ୍କୁ କୌଣସି ଯୋଗାଯୋଗ କରିନାହିଁ ।ଅଫିସରେ ଏନେଇ ପଚାରାଜିବାରୁ କିରାଣୀ କହୁଛନ୍ତି ଆଉ ଚାକିରୀ ମିଳିବନି ବୟସ ହୋଇଗଲାଣି ।ଏଠାରେ ଉଲ୍ଲେଖଯୋଗ୍ୟ, ମୃତା ଶିକ୍ଷୟତ୍ରୀଙ୍କର ପୁଅର ବୟସ୨ ବର୍ଷ ତଳେ ଥିଲା ୩୬ ବର୍ଷ ଓ ଝିଅର ବୟସ ଥିଲା ୩୮ ଓ ନୋମିନୀଙ୍କ ବୟସଥିଲା ୬୯ ବର୍ଷ ।ଯଦି ନୋମିନୀ ଚାକିରୀ ନପାଇବେ ତେବେ ପିଲାମାନଙ୍କୁ ଚାକିରୀ ମିଳିବା ନେଇ ମନା କରିବା ପଛରେ କେଉଁ ମହତ ଉଦ୍ଦେଶ୍ୟ ଥିଲା ତାହା ଏବେ ପ୍ରଶ୍ନ ହେଇଛି । ଏହି ଖବର ନେଇ ଜିଲ୍ଲା ଡିଇଓଙ୍କୁ ଜଣାଜିବା ପରେ ସେ ସମସ୍ତ ତଥ୍ୟ ପଚାରି ରଖିଥିଲେ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ଜଣାଜିବାରୁ ସେ କହିଛନ୍ତି ସମସ୍ତ ତଥ୍ୟ ଦିଅନ୍ତୁ । ଗତ ସରକାରରେ ଦେଢବର୍ଷ କାଳ ଦଉଡି ଦଉଡି ନୟାନ୍ତ ହେବାପରେ ବର୍ତମାନର ସରକାରରେ ଦଉଡିବା ୬ ମାସ ବିତିଲାଣି , ଜଣେ ସରାକାରୀ କର୍ମଚାରୀ ମରିଗଲା ପରେ ତାର ପରିବାରକୁ ସହଯୋଗ କରିବାରେ ଯଦି ଏହିଭଳି ତତ୍ପରତା ରୁହେ ଓ ଏସବୁ କାମ କରୁଥିବାଲୋକେ ଯଦି ଭିନ୍ନ ମାନସିକତା ରଖନ୍ତି ତେବେ ସରକାରଙ୍କର ଛବି ଲୋକଲୋଚନରେ କଣ ରହିବ ତାକୁ ମୁଖ୍ୟମନ୍ତ୍ରୀ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି ।

ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

ଜୟପୁର, ୨୮/୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ନିରିକ୍ଷକ ଓ ଅବକାରି ଥାନା ତରଫରୁ ଚଢଉ କରାଯାଇଛି । ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ପଟ୍ଟନାୟକଗୁଡା ସାହି ରାସ୍ତାରେ ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରିଥିବା ବେଳେ ତା ଠାରୁ ୮ ଲିଟର ଦେଶି ମଦ ଜବତ କରି ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି । ସେହିପରି ପୁରୁଣାଗଡ ସାହି ରାସ୍ତା ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି । ଜଣେ ମହିଳାକୁ ଗିରଫ କରି ତା ଠାରୁ ୮ ଲିଟର ଦେଶି ମଦ ଜବତ କରି କୋର୍ଟ ଚାଲାଣ କରିଥିବା ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରି ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

ଗୁଡଭେଲା ବ୍ଲକର ତ୍ରିଦିବସୀୟ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗିର, ୨୮/୨ (ନି.ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ, ବଲାଙ୍ଗିରଙ୍କ ଦ୍ୱାରା ଗୁଡଭେଲା ବ୍ଲକ ସଂଯୋଜିକା ଐଶ୍ୱର୍ଯ୍ୟ ସାମ୍ରାଜ୍ଞୀ ମିତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପଡା ପଂଚାୟତ ହାଇସ୍କୁଲ ଠାରେ ଗୁଡଭେଲା ବ୍ଲକର ୩୩ ଜଣ ପ୍ରଧାନ ଶିକ୍ଷକଙ୍କୁ ନେଇ ଗତ ୨୪ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ବିଇଓ ନମିତା ରାଣୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମରୁ ମିଳିଥିବା ଅଭିଜ୍ଞତାକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ । ସାଧନକର୍ମୀ ତଥା ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଂଚାଳନ କରିଥିବା ବେଳେ ସାଧନ କର୍ମୀ ଦୁତିଆ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ସାଧନ କର୍ମୀ ରୋଲିନା ମାଝୀ ଓ ଦୀପାଞ୍ଜଳି ଛତ୍ରିଆ ତାଲିମ ପରିଚାଳନା କରିଥିଲେ । ଏବିଇଓ ସୁରେନ୍ଦ୍ର ସୁନା ଓ ବିପିନ ବାଗ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ତାଲିମ ତଦାରଖ କରୁଥିଲେ । ସିଆରସିସି ଜଗମୋହନ ତ୍ରିପାଠୀ ଭେନ୍ୟୁ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଅକୁଣ୍ଠ ସହଯୋଗ କରିଥିଲେ ।

ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଶିବିର

ଜୟପୁର, ୨୮/୨ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜନ୍ମଗତ ବକ୍ରପାଦ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଛି । ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନବାସ ଅନୁସନ୍ଧାନ ସଂସ୍ଥା କଟକ ବୈଷୟିକ ସହାୟତା ଯୋଗାଇ ଦିଆଯାଇଛି । ଏହି ଶିବିରରେ କୋରାପୁଟ ଜିଲା ସମେତ ନବରଙ୍ଗପୁର ଓ ମାଲକାନଗିରି ଜିଲା ଜନ୍ମଗତ ବକ୍ରପାଦ ଶିଶୁ ଆସି ଚିକିତ୍ସା କରିଛନ୍ତି । ୫୬ ଜଣ ବକ୍ରପାଦ ଥିବା ଶିଶୁ ଚିହ୍ନଟ କରାଯାଇଛି । ବର୍ତମାନ ୩୭ ଜଣ ବକ୍ରପାଦ ଶିଶୁଙ୍କୁ ଅସ୍ତ୍ରୋପଚାର କରାଯିବ ବୋଲି ଚିକିତ୍ସାଳୟ ତରଫରୁ ସୂଚନା ଦିଆଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାର ଦ୍ୱାରା ଏହି ଶିବିର ଅନୁଷ୍ଠିତ ହୋଇଛି ।

ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଜୟପୁର, ୨୮/୨ (ନି.ପ୍ର):- ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ । ଘରେ କେହି ନଥିବାର ସୁଯୋଗ ନେଇ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସମତ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଲୁଟେରା । କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ବେରଗାଁ ମାଝୀଗୁଡା ଠାରେ ଘଟିଛି ଏଭଳି ଘଟଣା । ବେରଗାଁର ବ୍ୟବସାୟୀ ଧିରେନ ସାହୁଙ୍କ ପରିବାର ଲୋକେ ଗତକାଲି ଜାଗର ପାଇଁ ମନ୍ଦିର ଯାଇଥିଲେ, ଘରେ କେହି ନଥିଲେ । ଏହାର ସୁଯୋଗ ନେଇ ଧିରେନଙ୍କ ଘରେ ପଛପଟ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ ଦୁର୍ବୃତ । ଆଲମାରୀ ତାଡ଼ି ୩ ଲକ୍ଷରୁ ଉର୍ଦ୍ଧ ନଗଦ ଟଙ୍କା ଏବଂ ୬ ତୁଳା ସୁନା ଲୁଟିନେଇଛନ୍ତି ଲୁଟେରା କ୍ଷ ଏନେଇ ବୈପାରୀଗୁଡା ଥାନାରେ ଏତଲା ଦିଆଯାଇଛି ।

ବେକରେ ଓଢଣି ଦେଇ ଯୁବକର ଆତ୍ମହତ୍ୟା

ଜୟପୁର, ୨୮/୨ (ନି.ପ୍ର): ବେକରେ ଓଢଣି ଦେଇ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ହେଉଛନ୍ତି ଅଭୟ କୁମାର ଜୈନ (୩୬) । ସୂଚନା ଅନୁଯାୟୀ, ଜୟପୁର ବଡ ତେଲି ସାହିର ଅଭୟ କୁମାର ଜୈନ ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି । ଏନେଇ ପରିବାର ଲୋକେ ସକାଳୁ ୮ଟା ୧୦ ମିନିଟରେ ଦେଖି ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଶବକୁ ଜବତ କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ପାରିବାରିକ କଳହ ପାଇଁ ଏପରି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

ଯାଜପୁର ବରୀ ଅଂଚଳରେ ଲଜ୍ୟା : କନ୍ୟା ସନ୍ତାନର ମା ହେଲେ ନାବାଳିକା

ଧର୍ମଶାଳା, ୨୮/୨ (ନି.ପ୍ର): ଯାଜପୁର ଜିଲାରେ ଲଜ୍ୟା । ସଚେତନତା ଅଭାବରୁ କନ୍ୟା ସନ୍ତାନର ମା' ହେଲେ ଜନୈକ ଦଶମ ଶ୍ରେଣୀ ଛାତ୍ରୀ । ଯାହାକୁ ନେଇ ଯାଜପୁର ଜିଲାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।। ଏଭଳି ଘଟଣା ଘଟିଛି ବରୀ ବ୍ଲକ ଶିକ୍ଷା ମଣ୍ଡଳ ଅଧିନ ରାମପୁରସ୍ଥ ସରକାରୀ ପଂଚାୟତ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଙ୍କ କ୍ଷେତ୍ରରେ । ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କନ୍ୟା ସନ୍ତାନ ଜନ୍ମ କରି ସେ ଏବେ ବେଶ୍ ଚର୍ଚ୍ଚା ଘେରକୁ ଆସିଛନ୍ତି । ମିଳିଥିବା ସୂଚନା ମୁତାବକ, ଦଶମ ଶ୍ରେଣୀ ଛାତ୍ରୀ ଜଣକ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ଆସୁଥିଲେ । ୨ଟି ବିଷୟରେ ପରୀକ୍ଷା ଦେଇ ସାରିବା ପରେ ବୁଧବାର ଦିନ ବିଳମ୍ବିତ ରାତିରେ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ । ଯନ୍ତ୍ରଣା ବଢିବାରୁ ଏନେଇ ପରିବାର ଲୋକଙ୍କୁ ଜଣାଇଥିଲେ । ଏନେଇ ପରିବାର ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଦାୟିତ୍ୱରତ ଡାକ୍ତର ଛାତ୍ରୀ ଜଣକ ଗର୍ଭବତୀ ଥିବା ସହ ପ୍ରସବଜନିତ ଯନ୍ତ୍ରଣା ହେଉଥିବା ଜାଣିବାକୁ ପାଇଥିଲେ । ପ୍ରସବ ସମୟ ହୋଇଥିବାରୁ ଡାକ୍ତର ସେଠାରେ ପ୍ରସବ କରାଇଥିଲେ । ପ୍ରସବ ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ପରେ ଖବର ପାଇ ବରୀ ପୋଲିସ ଓ ଶିକ୍ଷାବିଭାଗ କର୍ମଚାରୀମାନେ ଉକ୍ତ ବିଦ୍ୟାଳୟକୁ ଯାଇ ଆଜି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏପଟେ ଛାତ୍ରୀ ଜଣକ ଗର୍ଭବତୀ ହେବା ସହ ବିଦ୍ୟାଳୟ କତୃପକ୍ଷ ଓ ଗ୍ରାମ ସ୍ୱାସ୍ଥ୍ୟକର୍ମୀ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଘଟଣାକୁ ନେଇ ଜିଲାକୁ ନିନ୍ଦା କରାଯାଇଥିବା ବେଳେ ଏହି ଘଟଣାକୁ ଜିଲା ପ୍ରଶାସନ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ ଜାରି ରଖିଛି ।

ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ : କେନ୍ଦ୍ରୀୟ ଉନ୍ନୟନ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ସହ ସଫଳ ବିନିଯୋଗ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୨୮/୨ (ନି.ପ୍ର): – ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କମିଟି ଅଧକ୍ଷ ବଲାଙ୍ଗୀର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ କେନ୍ଦ୍ରୀୟ ଉନ୍ନୟନ ମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବାକୁ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ତତ୍‌ସହ ସାଂସଦ ପାଣ୍ଡି ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକ

ବିକଶିତ ଭାରତ ନିମନ୍ତେ ସଶକ୍ତ ଯୁବସମାଜର ଯୋଗଦାନ

ଅଜିତ କୁମାର ଜେନା

ଫେବୃୟାରୀ ୨୮ ତାରିଖଟି ଆମ ଭାରତବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିବସ । ଏହା ଏପରି ଏକ ଦିନ ଯାହା ମାନବ କୌତୂହଳର ଅଦମ୍ୟ ଭାବନା ଓ ଜ୍ଞାନର ଅସୀମ ଅନୁସନ୍ଧାନକୁ ସମ୍ମାନ କରେ । ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ପ୍ରଥମ ବୈଜ୍ଞାନିକ ସ୍ମାରକୀକୁ ମନେ ରଖିବା ପାଇଁ ସାରା ଦେଶରେ ଆଜି ପାଳିତ ହେଉଛି ଜାତୀୟ ବିଜ୍ଞାନ ଦିବସ । ଅଗାଧ ପାଣ୍ଡିତ୍ୟର ଅଧିକାରୀ ଚିରବନ୍ଦନୀୟ ବିଜ୍ଞାନୀପୁରୁଷଙ୍କୁ ସ୍ମୃତିରେ ସାଇତି ରଖିବା ସହିତ ଗଭୀର ସମ୍ମାନ ପୂର୍ବକ ଏହି ଦିବସଟିକୁ ବିଜ୍ଞାନ ସହ ଯୋଡ଼ିବା ଯଥେଷ୍ଟ କାରଣ ବହନ କରେ । ଏହି ଦିନ ଭାରତର ପ୍ରଥମ ବୈଜ୍ଞାନିକ ସାର୍ ସି ଭି ରମଣ 'ଆଲୋକ ବିଛୁରଣ' ଆବିଷ୍କାର କରି ନୋବେଲ ପୁରସ୍କାର ବିଜେତା ହୋଇଥିଲେ । ମାତ୍ର ୨୦୦ ଟଙ୍କାରେ ୬୦ଟି ବିଭିନ୍ନ ପ୍ରକାରର ସରଳ ବିଜ୍ଞାନ ଉପକରଣକୁ ଉପଯୋଗ କରି ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ସେ ସମଗ୍ର ବିଶ୍ୱରେ ଜଣେ ଅଦ୍ୱିତୀୟ ଓ ଅନନ୍ୟ ପ୍ରତିଭା । ଆମେ ସବୁ ପ୍ରକୃତିର ଅମୃତ ସନ୍ତାନ । ପ୍ରକୃତିକୁ ଠିକ୍ ରୂପେ ବୁଝି ପାରିଲେ ଆମ ମନ ଭିତରେ ବିଜ୍ଞାନ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ଜନ୍ମ ନେଇ ଥାଏ । ନୀଳ ସାଗରର ରହସ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କରି ଆଲୋକର ବିଛୁରଣ ଯୋଗୁଁ ହିଁ ସମୁଦ୍ର ନୀଳ ଦିଶେ ବୋଲି ଆଲୋକର ଏହି ବିଶେଷ ଗୁଣକୁ ଆବିଷ୍କାର କରି ବିଜ୍ଞାନ ଯୁଗରେ ଚହଳ ପକାଇଥିଲେ ସି ଭି ରମଣ । ନୀଳ ସାଗରର ମାୟାରେ ପଡ଼ିଥିବା ସି ଭି ରମଣ ଆଲୋକର ଗୁଣ ସମ୍ପର୍କିତ ଏହି ଗୁଢ଼ ରହସ୍ୟକୁ ଉନ୍ମୋଚନ କରି ସନ୍ଦର୍ଭ ମାଧ୍ୟମରେ ଅବଶିଷ୍ଟ ବିଶ୍ୱକୁ ଜଣାଇଥିଲେ । ତାଙ୍କ ଆବିଷ୍କାର ନାମିତ ହୋଇଥିଲା 'ରମଣ ପ୍ରଭାବ' ବା 'ରମଣ ସ୍କାଟରିଂ' ଭାବରେ ୧୯୨୮ ଫେବୃୟାରୀ ୨୮ ରେ । ନୀଳ ସାଗରର ରହସ୍ୟ ଉନ୍ମୋଚନ ପାଇଁ ଏହି କୃତବିଦ ପଦାର୍ଥ ବିଜ୍ଞାନୀଙ୍କୁ ୧୯୩୦ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

ବିଜ୍ଞାନ କେବଳ ତତ୍ତ୍ୱ ଓ ସୂତ୍ରର ଏକ ସଂଗ୍ରହ ନୁହେଁ; ଏହା ପ୍ରଗତିର ସାର; ଏକ ଆଲୋକର ଉତ୍ସ; ଯାହା ଯୁଗେ ଯୁଗେ ମାନବ ଜାତିକୁ ଅଜ୍ଞତାର ଅନ୍ଧକାରରୁ ଜ୍ଞାନର ଉଜ୍ଜ୍ୱଳତା ଆଡ଼କୁ ମାର୍ଗଦର୍ଶନ କରିଛି । ଗୁମ୍ଫା ଭିତରେ ଝଲସୁଥିବା ଅଗ୍ନିରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତାର ଚମକଦାର ଆମ ଆଲୋକ ପର୍ଯ୍ୟନ୍ତ ବିଜ୍ଞାନ ମାନବ ସଭ୍ୟତାର ସ୍ଥପତି ସାଜିଛି, ଆମର ଭାଗ୍ୟକୁ ଆକାର ଦେଇଛି ଏବଂ ବିଶ୍ୱବ୍ରହ୍ମାଣ୍ଡର ରହସ୍ୟ ଉନ୍ମୋଚନ କରିଛି । ଆମ ଦେଶ ଭାରତ ସର୍ବଦା ବୈଜ୍ଞାନିକ ଚିନ୍ତାଧାରାର ଏକ ଜନ୍ମଭୂମି ହୋଇଆସିଛି । ଆର୍ଯ୍ୟଭଟ୍ଟଙ୍କ ଗଣନା, ସୁଶ୍ରୁତଙ୍କ ଶଲ୍ୟଚିକିତ୍ସା, ସି ଭି ରମଣଙ୍କ ଆଲୋକର ରହସ୍ୟ, ଡ. ଏ ପି ଜେ ଅବଦୁଲ କଲାମଙ୍କ ଏକ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ପର୍ଯ୍ୟନ୍ତ ଆମର ବୈଜ୍ଞାନିକ ଐତିହ୍ୟ ସମୃଦ୍ଧ ଏବଂ ଆମର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ । ସମ୍ପ୍ରତି ଆମ ଭାରତ ବିଜ୍ଞାନ ଜଗତରେ ଅନେକ ସଫଳତା ହାସଲ କରିଛି । ଭାରତ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିବା ପ୍ରଥମ ଦେଶ ହୋଇଛି । ନିଜେ କୋଭିଡ୍ ଟୀକା ଉତ୍ପାଦନ କରିବା ସହିତ ଅନ୍ୟ ଦେଶମାନଙ୍କୁ ମଧ୍ୟ ସାହାଯ୍ୟ କରିବା ପାଇଁ ଟୀକା ଦାନ କରି ଉଦାହରଣ ପାଲଟିଛି । ଖାଲି ସେତିକି ନୁହେଁ ନିଜର ଲଢୁଆ ବିମାନ 'ତେଜସ' ତିଆରି କରି ଦେଶର ମାନ ବୃଦ୍ଧି କରିଛି । ବିଗତ କିଛି ବର୍ଷ ମଧ୍ୟରେ ଭାରତର ବୈଜ୍ଞାନିକ ଉଦ୍ଭାବନ ଗବେଷଣାଗାରରୁ ଭୂମିକୁ ପହଞ୍ଚି ପାରିଛି ଅର୍ଥାତ୍ ସହଜ ଜୀବନ ଯାପନ ପାଇଁ ଏହାର ପ୍ରୟୋଗ ପ୍ରତ୍ୟେକ ଜନସାଧାରଣଙ୍କ ନିକଟତର ହୋଇ ପାରିଛି । ବୈଜ୍ଞାନିକ ଉଦ୍ଭାବନ ସହିତ ବିଜ୍ଞାନୀ ମନୋଭାବ ବୃଦ୍ଧି ପାଇଛି ସାରା ଦେଶରେ । ପ୍ରଯୁକ୍ତି ବିଦ୍ୟା, ବୈଜ୍ଞାନିକ ଉଦ୍ଭାବନ ଓ ଶିଳ୍ପାୟନ କୌଶଳକୁ ଆପଣେଇ ଆମ ଦେଶ ବିଶ୍ୱର ନେତୃତ୍ୱ ନେବା ପାଇଁ ଲକ୍ଷ୍ୟ ରଖିଛି । ବିଜ୍ଞାନ ସମାଜର ବହୁ ଉନ୍ନତି ଆଣିଛି ସତ ମାତ୍ର ଏହାର ଅନେକ ନକାରାତ୍ମକ ପ୍ରଭାବ ରହିଛି । ପ୍ରଯୁକ୍ତି ବିଦ୍ୟାର ଉନ୍ନତି ପାଇଁ ମାଟି, ପାଣି, ପବନର ପ୍ରଦୂଷଣ, ଜଙ୍ଗଲ କ୍ଷୟ ସାଙ୍ଗକୁ ପରମାଣୁ ଅସ୍ତ୍ର ଉଦ୍ଭାବନ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି । ସ୍ୱୟଂଚାଳିତ ଯନ୍ତ୍ର ଓ କୃତ୍ରିମ ବୁଦ୍ଧିମତ୍ତା ଚାକିରି ବିସ୍ଥାପନ ଏବଂ ଅସମାନତାରେ ଯୋଗଦାନ ଦେଇଛି । ଜେନେଟିକ୍ ଇଞ୍ଜିନିୟରିଂ ଭଳି ବୈଜ୍ଞାନିକ ବିକାଶ ମନୁଷ୍ୟର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାର ବ୍ୟକ୍ତିଗତ ଗୋପନୀୟତା ପ୍ରତି ଆକ୍ରମଣ ସହ ସାମାଜିକ ବିଚ୍ଛିନ୍ନତାକୁ ପ୍ରଶ୍ରୟ ଦେଇଛି । ଯୁବପିଢ଼ିର ପ୍ରଯୁକ୍ତିବିଦ୍ୟା ଉପରେ ଅତ୍ୟଧିକ ନିର୍ଭରଶୀଳତା, ଭବିଷ୍ୟତରେ ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ବ୍ୟକ୍ତିଗତ ଦକ୍ଷତାକୁ ମଧ୍ୟ ହ୍ରାସ କରିପାରେ । ତେଣୁ ଏବର ଯୁବପିଢ଼ି ଏଥିପ୍ରତି ଯଥେଷ୍ଟ ସଜାଗ ରହିବାର ସମୟ ଆସିଛି । ସେମାନେ ବିଶ୍ୱ ବ୍ରହ୍ମାଣ୍ଡକୁ ବୁଝିବା ଏବଂ ମାନବତାର ମଙ୍ଗଳ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ସଂକଳ୍ପ ନିଅନ୍ତୁ । ପ୍ରତ୍ୟେକ ଜଳ ବିନ୍ଦୁରେ, ରାତ୍ରିର ଆକାଶରେ ଝଲସୁଥିବା ପ୍ରତ୍ୟେକ ତାରାରେ ତଥା ଆମ ହୃଦୟର ପ୍ରତିଟି ସ୍ପନ୍ଦନରେ ବିଜ୍ଞାନ ରହିଛି । ଯେଉଁମାନେ କୌତୂହଳତାର ସହ ଏହି ବିଜ୍ଞାନର ଅନୁସନ୍ଧାନ କରନ୍ତି, ସେମାନେ ହିଁ ଏହା ପୃଷ୍ଠଭୂମିରେ ଥିବା ରହସ୍ୟ ଉନ୍ମୋଚନ କରନ୍ତି । ଏହି ମହାନ ଦେଶର ଯୁବପିଢ଼ି ଭାବରେ ଆମେ ବିଜ୍ଞାନକୁ କେବଳ ପାଠ୍ୟ ପୁସ୍ତକରେ ସୀମିତ ରଖିବା ଉଚିତ୍ ନୁହେଁ ବରଂ ଚିନ୍ତା କରିବାର ଏକ ଉପାୟ ଭାବରେ ଗ୍ରହଣ କରିବା ଉଚିତ ।

ବିଜ୍ଞାନ ମାଧ୍ୟମରେ ସୃଜନଶୀଳତା ଏବଂ ଭାବନା ଶକ୍ତି ପ୍ରୟୋଗ କରି ସାଂପ୍ରତିକ ପରିସ୍ଥିତିରେ ଆମ ସମ୍ମୁଖରେ ଦେଖା ଦେଇଥିବା ତୀବ୍ର ଅର୍ଥନୈତିକ, ସାମାଜିକ ତଥା ପରିବେଶ ଭିତ୍ତିକ ସମସ୍ୟାକୁ ଆହ୍ୱାନ ଭାବେ ଗ୍ରହଣ କରିବାକୁ ପଡ଼ିବ ଆମ ଯୁବପିଢ଼ିକୁ । ବୈଜ୍ଞାନିକ ଅନୁସନ୍ଧାନର ଭାବନାକୁ ବିକଶିତ କରି ଜ୍ଞାନକୁ ବିଶ୍ୱର ବୃହତ୍ତର ମଙ୍ଗଳ ପାଇଁ ବ୍ୟବହାର କରିବା ଏବଂ ଭବିଷ୍ୟତରେ ଭାରତକୁ ବିଶ୍ୱର ଶ୍ରେଷ୍ଠ ଉଦ୍ଭାବନକାରୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ଅଙ୍ଗୀକାରବଦ୍ଧ ହେବା ପାଇଁ ସମୟ ଉପନୀତ । ପ୍ରତି ବର୍ଷ ଏହି ଦିବସରେ ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥାଏ । ଚଳିତ ବର୍ଷର ସନ୍ଦେଶ ହେଉଛି: 'ବିକଶିତ ଭାରତ ନିମନ୍ତେ ବିଜ୍ଞାନ ଓ ନୂତନ ଉଦ୍ଭାବନ ଦ୍ୱାରା ବିଶ୍ୱ ନେତୃତ୍ୱ ପାଇଁ ଯୁବ ସମାଜକୁ ସଶକ୍ତ କରିବା' - (ର ଜ୍ଞ କ୍ତ୍ର କ୍ତ ଙ୍ଗ ର କ୍ସ ସ ଭ ଶ ଓଭୟସବଭ ଶକ୍ତଙ୍କଶ୍ମଷ ଲକ୍ତକ୍ସ ଏକ୍ଷକ୍ତଭବକ୍ଷ ଖରବୟରକ୍ସଶ୍ମଷସକ୍ତ୍ର ସଭ ଝମସରଭମର ବଭୟ ଓଭଭକ୍ତଙ୍ଗବଶ୍ମସକ୍ତଭ ଲକ୍ତକ୍ସ ଠସଳଶ୍ମସଶ୍ମ ଈଷବକ୍ସବଶ୍ମ) । ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଉନ୍ନତ ବୈଜ୍ଞାନିକ ଉଦ୍ଭାବନ ସହିତ ଏବର ଯୁବ ପିଢ଼ିଙ୍କୁ ସଶକ୍ତ ହେବାକୁ ପଡିବ । ମାନବ ସମ୍ବଳ ବିକାଶ କରିବାକୁ ହେଲେ ଗବେଷଣା ଓ ନୂତନ ଉଦ୍ଭାବନକୁ ଉନ୍ନତ କରିବାକୁ ପଡ଼ିବ । ଯୁବ ଶକ୍ତି ସଶକ୍ତ ହୋଇ ଆଧୁନିକ ବିଜ୍ଞାନର ଜୟ ଯାତ୍ରାରେ ସାମିଲ ହେଲେ ବିଜ୍ଞାନ ଅଧିକ ଲୋକପ୍ରିୟ ପାରିବ ଏବଂ ବିକଶିତ ଭାରତ ସମ୍ଭବ ହୋଇପାରିବ ।

ଆସନ୍ତୁ ଆମେ ସମସ୍ତେ ଏକ ନୂତନ ପ୍ରଭାତର ବାର୍ତ୍ତାବହ ହେବା, ସମାଜର କଲ୍ୟାଣ ପାଇଁ ଗବେଷଣା କରିବା ଯେଉଁଠାରେ ବିଜ୍ଞାନ ଓ ମାନବିକତା ମିଳିତ ଭାବରେ ପ୍ରଗତି, ସମୃଦ୍ଧି ଏବଂ ଶାନ୍ତି ପାଇଁ ପ୍ରଚେଷ୍ଟା ରତ ହେବେ ।

ଜୟ ବିଜ୍ଞାନ ।

+ ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା, ମୟୂରଭଞ୍ଜ

ରିଅନ ଓ କଟନ ସିଲ୍କ

ଋତୁ ଅନୁଯାୟୀ ପୋଷାକ ପରିଧାନ ଜରୁରୀ । ତେବେ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମଋତୁରେ ପରିଧାନ କର୍ମଜୀବୀ ମହିଳା, ପୁରୁଷ ଓ କଲେଜ ପଢୁଆ ପିଲାମାନେ ପରିଧାନ ନେଇ ବେଶ ସଚେତନ ରହିଥାନ୍ତି । ବିଶେଶଷ କରି ଗ୍ରୀଷ୍ମରେ ପତଳା ପୋଷାକ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ । ଏହା ଗରମରୁ ରକ୍ଷା କରିବା ସହିତ ଆକର୍ଷଣୀୟ ହୋଇଥାଏ । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ବିଭିନ୍ନ ପ୍ରକାରର ପୋଷାକ ଆସିଯାଇଛି । ଡ୍ରେସ ଡିଜାଇନରମାନେ ଖରାଦିନ ପାଇଁ ଖଦି, ରିଅନ, ସିଲ୍କ କଟନ, କଟନ ଆଦି କପଡ଼ାରେ ପୋଷାକ ପ୍ରସ୍ତୁତ କରୁଛନ୍ତି । ଗ୍ରୀଷ୍ମ ଫେସନରେ ଖଦି, ରିଅନ, ସିଲ୍କକଟନ, କଟନ ଓ ଲକ୍ଷ୍ମୌ ଷ୍ଟିଚ ଆଦି କପଡ଼ାର କୁର୍ତ୍ତା, ସରାରା, ଗରାରା ପୋଷକ ଆଗରେ ରହିଛି । ସେହିଭଳି ଏହି ସବୁ ପ୍ରତିଦିନ ପରିଧାନରେ ଚାଲୁଥିବା ବେଳେ

ଖରାଦିନ କୌଣସି ଉତ୍ସବରେ ପିନ୍ଧିବା ପାଇଁ ଉକ୍ତ କପଡ଼ାରେ ଗାଉନ ବିଭିନ୍ନ ପ୍ରକାର ଡିଜାଇନ କରି ପିନ୍ଧି ହେବ । ଯାହାକି ଗରମ ଦାଉରୁ ରକ୍ଷା ପାଇ ହେବ । ସେହିଭଳି ଜିନସ ପିନ୍ଧୁଥିବା ଝିଅମାନେ ସର୍ଟ କୁର୍ତ୍ତା ସହ ବିଭିନ୍ନ ଡିଜାଇନର କଟନ, ରିଅନ କପଡ଼ାରେ ସ୍କାର୍ଫ ବ୍ୟବହାର କରିପାରିବେ ।

ଶାଢ଼ି:- ଡ୍ରେସ ସହ ଶାଢ଼ି ପିନ୍ଧୁଥିବା ମହିଳାମାନେ ମଧ୍ୟ ଗ୍ରୀଷ୍ମ ଋତୁରେ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଜର୍ଜେଟ୍, ସିଫନ, କଟନ ସିଲ୍କ ଶାଢ଼ି ବ୍ୟବହାର କଲେ ଏହା ଗରମରୁ ରକ୍ଷା କରିପାରିବ । ସଭା, ସମିତି ଉତ୍ସବାନୁଷ୍ଠାନରେ ମଧ୍ୟ ହାଲୁକା କପଡାର ବିଭିନ୍ନ ଡିଜାଇନ କରାଯାଇଥିବା ଶାଢ଼ି ପିନ୍ଧିପାରିବେ ।

ପୁରୁଷ:- କେବଳ ମହିଳାମାନେ ନୁହନ୍ତି, ପୁରୁଷମାନେ ମ୍ୟ ଗରମ ପାଇଁ ଜିନସ ସହ କୁର୍ତ୍ତା ଓ କଯନ ଓ କିଲେନରେ ତିଆରି ଲମ୍ବା କୁର୍ତ୍ତା ଓ ଟ୍ରାଉଜର ପିନ୍ଧି ପାରିବେ । ରଙ୍ଗ ଗୁରୁତ୍ୱ; ଏହି ସବୁ ପରିଧାନରେ ରଙ୍ଗ ବହୁତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମ ଦିନେ ହାଲୁକା ରଙ୍ଗର ପରିଧାନ ପିନ୍ଧିବା ଉଚିତ । ବିଶେଷ କରି ଧଳା ପୋଷାକ ଖରାଦିନେ ବହୁତ ବିକ୍ରି ହୋଇଥାଏ । ବଜ୍ଜିବଜାରର ଜଣେ ଡିଜାଇନର ଦୀପିକା କୁହନ୍ତି । ନିଜକୁ ଆରାମ ଓ ମାନୁ ଥିବା ପୋଷାକ, ବିଶେଷ କରି ହାଲୁକା ରିଅନ, କଟନ, ଲିଲେ ନ କପଡ଼ାରେ ପ୍ରସ୍ତୁତ ପୋଷାକ ପିନ୍ଧିବା ଉଚିତ । ବର୍ତ୍ତମାନ ବଜାରରେ ଏହିସବୁ ପୋଷାକ ଚାହିଦା ବି ବଢ଼ିଛି ।

ଭୁଲରେ ଓଭନରେ ଗରମ କରଂତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ୍ ପଏଜନିଙ୍ଗ

ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ୍ୟ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।

ଅଣ୍ଡାକୁ ଓଭନରେ ଗରମ କରନ୍ତୁନି

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଥଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

ଓଭନରେ ଆଳୁ ଗରମ କରନ୍ତୁ ନାହିଁ

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

ବଳକା ଚିକେନ ଗରମ କରନ୍ତୁ ନାହିଁ

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧ୍ୟମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

ଓଭନରେ ଚାଉଳ ଗରମ କରିବା ଭୁଲ୍

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ୍ୟ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

ଘରେ ରଖୁଥିବା ଝାଡୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ

ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନନ୍ତ୍ୱରୀ ପର୍ବରେ ଝାଡୁକୁ ଘର ପାଇଁ ମଧ୍ୟ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ । ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ୍ୟ ଜାଣିବା ଅତ୍ୟନ୍ତ ଜରୁରୀ । ଝାଡୁର ମୁହଁ ପଶ୍ଚିମ ଦିଗ ବା ଉତ୍ତର-ପଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ । ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସ୍ଥାନ-ଶରୀର-ମନ...

୨୦୨୧ ମସିହାରେ ସାହିତ୍ୟ ପାଇଁ ନୋବେଲ୍ ପୁରସ୍କାର ପାଇଥିବା ଔପନ୍ୟାସିକ ୭୩ ବର୍ଷ ବୟସ୍କ ଅବଦୁଲ୍‌ରଜାକ୍ ଗୁରନାହ୍ ଡିସେମ୍ବର ମାସରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ ତାଙ୍କୁ ମାତ୍ର ୧୮ବର୍ଷ ବୟସରେ ସେ ଜାଂଜିବର ଛାଡ଼ି ଇଂଲଣ୍ଡରେ ପହଞ୍ଚିଥିଲେ ଜଣେ ଶରଣାର୍ଥୀ ଭାବରେ। ସେତେବେଳେ ପାଖରେ ଅର୍ଥ ନଥିଲା କି ପରିବାର ନଥିଲେ। ପରିଚିତ ସ୍ଥାନରୁ ଆସି ନୂଆ ଅପରିଚିତ ସ୍ଥାନରେ ପହଞ୍ଚିଲା ପରେ ସେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ବିଚ୍ଛିନ୍ନତା, ଅନିଶ୍ଚିତତା ଅନୁଭବ କରିଥିଲେ, ଯାହାକୁ ଆଧାର କରି ୪୦ବର୍ଷ ବୟସରେ ଲେଖିଥିଲେ ପ୍ରଥମ ବହି। ଏପରିକି ପରବର୍ତ୍ତୀ ସମୟରେ 'ପାରାଡାଇଜ୍' ଓ 'ଡେଜରସନ୍' ଶୀର୍ଷକ ଉପନ୍ୟାସ। ତାଙ୍କ ମତରେ ସାତ/ଆଠ ଦଶନ୍ଧି ପୂର୍ବେ ୨ୟ ବିଶ୍ୱଯୁଦ୍ଧ ହେତୁ ବିପୁଳସଂଖ୍ୟକ ଲୋକ ନିଜ ମୂଳଭୂମିକୁ ଛାଡ଼ି ୟୁରୋପକୁ ଚାଲିଯାଇଥିଲେ, ଯେଉଁଥିପାଇଁ ୟୁରୋପୀୟମାନେ ଶରଣାର୍ଥୀମାନଙ୍କ ଅବସ୍ଥା ସହିତ ପରିଚିତ। ହିଂସା, ଯୁଦ୍ଧ, ଦାରିଦ୍ର୍ୟ କବଳରୁ ମୁକ୍ତି ପାଇବା ପାଇଁ ଲୋକମାନେ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯିବା ଏପରିକି ଭୂମଧସାଗର ଅତିକ୍ରମ କଲା ବେଳେ କେତେକ ମୃତ୍ୟୁବରଣ କରୁଥିଲେ। ଏସବୁ ସତ୍ତ୍ୱେ ଶରଣାର୍ଥୀ ଓ ପ୍ରବାସୀମାନଙ୍କ ପ୍ରତି ଅନ୍ତର୍ଜାତୀୟ ସ୍ତରରେ ଉଦାସୀନତା ପ୍ରକାଶ ପାଇବା ଇତ୍ୟାଦିକୁ ଲକ୍ଷ୍ୟ କରି ଗୁରନାହ୍ ବ୍ୟଥିତ ହୋଇଛନ୍ତି। ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ ସୁସ୍ଥ ସ୍ଥାନଟିଏ ଲୋଡ଼ା। ଏହା ହିଁ ତାଙ୍କ ମନର କଥା, ଯାହା ରୂପାୟିତ ହୋଇଛି ତାଙ୍କ କଥା-ସାହିତ୍ୟରେ। ମହାତ୍ମା ଗାନ୍ଧୀ ୧୯୧୬ ମସିହାରେ କାଶୀ ପରିଦର୍ଶନ କରିବାର ଅନୁଭୂତିକୁ ତାଙ୍କର ଆତ୍ମଚରିତ 'ମାଇଁ ଏକ୍ସପେରିମେଣ୍ଟ୍‌ସ୍ ଉଇଥ୍ ଟ୍ରୁଥ୍'ରେ ବର୍ଣ୍ଣନା କରିଛନ୍ତି ନିମ୍ନପ୍ରକାରେ – 'ମୁଁ କାଶୀ ବିଶ୍ୱନାଥ ମନ୍ଦିରକୁ ଦର୍ଶନ ପାଇଁ ଗଲି। ସେଠାରେ ଯାହା ଦେଖିଲି ଗଭୀର ବ୍ୟଥିତ ହେଲି ...।... ଏକ ସଂକୀର୍ଣ୍ଣ ଓ ଖସଡ଼ା ଲେନ୍ ବାଟେ ଯିବାକୁ ହେଲା। ସେଠାରେ କେହି ଶାନ୍ତ ନଥିଲେ। ଦଳଦଳ ମାଛି ଓ ଦୋକାନୀ, ତୀର୍ଥଯାତ୍ରୀମାନଙ୍କର କୋଳାହଳ ସମ୍ପୂର୍ଣ୍ଣ ଅସହ୍ୟ ଥିଲା। ଜଣେ ଆଶା କରୁଥିବା ଧ୍ୟାନ ଓ ପରମାର୍ଥ ଭାବଭରା ପରିବେଶର ଅନୁପସ୍ଥିତି ସ୍ପଷ୍ଟ ବାରିହୋଇ ପଡୁଥିଲା...।' ଏହି ପୃଷ୍ଠଭୂମିରେ ଅଧୁନା ଜନଗହଳିରେ ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ମହାକୁମ୍ଭ ମେଳା ଆଧ୍ୟାତ୍ମିକତା ଉପଲବ୍ଧ ଦୃଷ୍ଟିରୁ କେତେ ଉପଯୋଗୀ ଅନୁମେୟ। ପ୍ୟାରିସ୍‌ରେ 'ପମ୍ପିଡୋଉ ସେଣ୍ଟର', ଲଣ୍ଡନରେ 'ମିଲେନିୟମ୍ ଡୋମ୍', 'ଲଡ୍ଜ ଅଫ୍ ଲଣ୍ଡନ୍ ବିଲ୍‌ଡିଂ'ର ଡିଜାଇନ୍ ପ୍ରସ୍ତୁତ କରିଥିବା ଏବଂ ୨୦୦୭ ମସିହା ପାଇଁ ସ୍ଥାପତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ପ୍ରିଜ୍‌କର ପୁରସ୍କାର' ଲାଭ କରିଥିବା ବ୍ରିଟିଶ୍ ସ୍ଥପତି ରିଚାର୍ଡ ରଗର୍ସ୍‌ଙ୍କର ଦେହାନ୍ତ ହୋଇଥିଲା ୮୮ ବର୍ଷ ବୟସରେ ୨୦୨୧ ଡିସେମ୍ବରରେ। ଆଧୁନିକ ସ୍ଥାପତ୍ୟ ଆନ୍ଦୋଳନ ପ୍ରତି ଆକର୍ଷଣର ଅଦ୍ୱିତୀୟ ଉପସ୍ଥାପନା ଓ ନିଜସ୍ୱ ଦୃଷ୍ଟି ଆକର୍ଷକ, ରଙ୍ଗମୟ ଆଧୁନିକତା ବଳରେ ସେ ପ୍ୟାରିସ୍ ଓ ଲଣ୍ଡନର ନଗର ଭୂଖଣ୍ଡକୁ ପୁନର୍ଜୀବିତ କରିବା ସହିତ ସଂଗ୍ରହାଳୟଗୁଡ଼ିକର ମୌଳିକ ପରିବର୍ତ୍ତନ ଏବଂ ଅତୀତର ଉତ୍କୃଷ୍ଟ ସ୍ମାରକୀଗୁଡ଼ିକୁ ସାମାଜିକ ଓ ସାଂସ୍କୃତିକ ଜ୍ଞାନ, ପରମ୍ପରା, ଭାବ ବିନିମୟର ଲୋକପ୍ରିୟ କ୍ଷେତ୍ରରେ ରୂପାନ୍ତରିତ କରିପାରିଛନ୍ତି। ଜଣେ ସ୍ଥପତି ଭାବରେ ସେ ସବୁବେଳେ ବିଚାର କରୁଥିଲେ ଯେ କୌଣସି ସ୍ଥାନର ଅବସ୍ଥିତି ଓ ପରିବେଶ ସେଭଳି ଆକର୍ଷଣୀୟ, ପ୍ରଭାବଶାଳୀ ହେବାର କଥା, ଯେଭଳି ସେଠାରେ ଚଳପ୍ରଚଳ ହେଉଥିବା ଲୋକଙ୍କ ଶରୀରରେ ଉଲ୍ଲାସମୟ ଶିହରଣ ସୃଷ୍ଟି ହେବା ସହିତ ମନରେ ସଂସ୍କୃତିପ୍ରୀତି, ସମାଜପ୍ରାଣତା, ଜ୍ଞାନାନ୍ୱେଷଣ ଓ ପାରସ୍ପରିକ ଭାବ ଆଦାନପ୍ରଦାନ ପ୍ରବୃତ୍ତିର ଜାଗରଣ ସମ୍ଭବ ହେବ। 'ମେରା ନାମ୍ ଜୋକର' ଚଳଚ୍ଚିତ୍ରରେ ରାଜ୍ କପୁରଙ୍କ ସହକାରୀ ଭାବେ କାର୍ଯ୍ୟକରିଥିବା ଓ 'ରାଜ୍ କପୁର : ଦି ମାଷ୍ଟର ଆଟ୍ ୱାର୍କ୍' ପୁସ୍ତକ ରଚନା କରିଥିବା ରାହୁଲ୍ ରାଓ୍ୱେଲ୍ ୨୦୨୧ ମସିହା ଡିସେମ୍ବର ମାସରେ ଏକ ସାକ୍ଷାତ୍‌କାରରେ କହିଥିଲେ, ରାଜ୍ କପୁର ଚଳଚ୍ଚିତ୍ର ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିର୍ବାଚନ ଉପରେ ଗୁରୁତ୍ୱାରୋପ କରୁଥିଲେ, ଯେଉଁ ସ୍ଥାନ ଦର୍ଶକମାନଙ୍କ ଶରୀରକୁ ରୋମାଞ୍ଚିତ, ମନକୁ ବିମୋହିତ କରିବ। ମାତା ଅମୃତାନନ୍ଦମୟୀ ସ୍ଥାନ, ଶରୀର, ମନର ଶୁଦ୍ଧତା ଏବଂ ସଶ୍ରଦ୍ଧ ଆଲିଙ୍ଗନ ଉପରେ ଗୁରୁତ୍ୱାରୋପ କରୁଥିଲେ। ବୈଜ୍ଞାନିକମାନଙ୍କ ମତରେ, ଆଲିଙ୍ଗନ ଦ୍ୱାରା ଶରୀରରେ ଅକ୍ସିଟୋସିନ୍ ନାମକ ହରମୋନ୍ ନିର୍ଗତ ହୁଏ, ଯାହା ମାନସିକ ଚାପକୁ ହ୍ରାସ କରିବା ସହିତ ଆନନ୍ଦ ଭାବକୁ ବୃଦ୍ଧି କରେ। ଆଲିଙ୍ଗନ ଦୁଇ ପ୍ରକାରର। ପ୍ରଥମରେ ଜଣକର ଗୋଟିଏ ବାହୁ ଅନ୍ୟର କାନ୍ଧ ଉପରେ, ଆର ବାହୁଟି ଅନ୍ୟର ବାହୁ ତଳେ ରହେ। ଦ୍ୱିତୀୟରେ ଜଣକର ଦୁଇ ବାହୁ ଅନ୍ୟର ଦୁଇ ବାହୁ ତଳେ ରହେ। ଏକଦା ଏକ ଗବେଷଣା ଉଦ୍ଦେଶ୍ୟରେ ୪୫ଜଣ ମହିଳା ପାରସ୍ପରିକ ଆଲିଙ୍ଗନ ପ୍ରକ୍ରିୟାରେ ଅଂଶ ଗ୍ରହଣ କଲେ। ପ୍ରତି ମହିଳାଙ୍କୁ ସର୍ବାଧିକ ୬ଜଣ ଆଲିଙ୍ଗନ କଲେ, ପ୍ରତି ଆଲିଙ୍ଗନ ଥିଲା ୧.୫ ସେକେଣ୍ଡରୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ। ଲଣ୍ଡନସ୍ଥିତ ଗୋଲ୍ଡସ୍ମିଥ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ଆନ୍ନା ଦୁରେନ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ କମ୍ ସମୟର ଆଲିଙ୍ଗନ କମ୍ ପ୍ରଭାବଶାଳୀ, ଅଧିକ ସମୟର ଆଲିଙ୍ଗନ ଅଧିକ ପ୍ରଭାବଶାଳୀ। ଆଲିଙ୍ଗନ ଏକ ନିଃଶବ୍ଦ ଆଧ୍ୟାତ୍ମିକ ଉପଚାର, ଯାହା ଯନ୍ତ୍ରଣା, ଚାପ, କ୍ଷତିଜନିତ ଭାବକୁ ହ୍ରାସ କରେ। ପରସ୍ପରକୁ ଆବେଗିକ ନିକଟତ୍ୱ ପ୍ରଦାନ କରେ। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ। ମଣିଷର ବାସଭୂମିରେ ପାରସ୍ପରିକ ଶ୍ରଦ୍ଧା ଓ ଯତ୍ନର ଯାଦୁକରୀ ପ୍ରଭାବ ବିସ୍ତାର କରେ।

ନରଦେହଧାରୀ ଭଗବାନ ଶ୍ରୀରାମକୃଷ୍ଣ

ଭୋଳାନାଥ ସାହୁ

"ମୁଁ ଏସବୁ ଚାଉଳ – କଦଳୀ ବନ୍ଧା ବିଦ୍ୟା ଶିଖିବି ନାହିଁ। ମୁଁ ଏପରି ବିଦ୍ୟା ଲାଭ କରିବା ପାଇଁ ଚାହେଁ, ଯେଉଁଥିରେ ଯଥାର୍ଥ ଜ୍ଞାନ ଲାଭ କରି ମାନବ ଜୀବନ ସାର୍ଥକ ହେବ।" କଲିକତାରେ ପାଠ ପଢ଼ିବା ପାଇଁ ବଡ଼ଭାଇ ରାମ କୁମାର ତାଗିଦ କରିବା ଅବସରରେ ଏହାଥିଲା ଶ୍ରୀରାମକୃଷ୍ଣଙ୍କର ଯଥାର୍ଥ ଉତର। ପିତା ଖୁଦିରାମଙ୍କ ସ୍ୱପ୍ନବୃତାନ୍ତ ଓ ମାତା ଚନ୍ଦ୍ରମଣୀ ଦେବୀଙ୍କ ଦିବ୍ୟ ଅନୁଭୂତିକୁ ନେଇ ପୁତ୍ର ଗଦାଧର ନାମରୁ ଅନ୍ନପ୍ରାସନ୍ନ ସମୟରେ ରାମକୃଷ୍ଣ ନାମରେ ନାମିତ କରାଗଲା। ୧୮୫୬ ମସିହାରେ ଭାଇ ରାମକୁମାରଙ୍କ ମୃତ୍ୟୁପରେ ରାଣୀ ରାମେଶ୍ୱରୀ ଦେବୀଙ୍କ ଦ୍ୱାରା ଗଙ୍ଗାନଦୀ କୂଳରେ ପ୍ରତିଷ୍ଠିତ କାଳୀ ମନ୍ଦିରରେ ସେ ପୂଜାଭାର ଗ୍ରହଣକଲେ। ୨୨ ବର୍ଷର ଯୁବକ ରାମକୃଷ୍ଣଙ୍କ ମନରେ ମା' କାଳୀଙ୍କୁ ପୂଜା କରିବା ଅବସରରେ ପ୍ରଶ୍ନ ଉଙ୍କି ମାରିଲା – 'ମୁଁ ଯାହାର ପୂଜା କରୁଛି ସେ ପାଷଣ ମଇ ନା ଚିନ୍ମୟୀ ?' ଯଦି ସେ ଚିନ୍ମୟୀ ତେବେ ମତେ ଦେଖାଦେଉ ନାହାଁନ୍ତି କାହିଁକି ?' ମା' ମୋତ ଦେଖାଦିଅ, ମା' ମୋତ ଦେଖାଦିଅ - କହି ସେ କାନ୍ଦିପକାଉଥିଲେ। କେତେବେଳେ ଭୂଇଁରେ ମୁଣ୍ଡ ଘଷି, କେତେବେଳେ ଆହାର ଚିନ୍ତା ତ୍ୟାଗ କରି ପ୍ରତିମା ସମ୍ମୁଖରେ ବସି ଛାତି ବାଡ଼େଇ ଉଚ୍ଚ ସ୍ୱରରେ କହୁଥିଲେ – 'ମା' ଯଦି ମୁଁ ତୁମର ଦର୍ଶନ ପାଇବି ନାହିଁ, ତେବେ ଏ ଜୀବନ ରଖି ଲାଭ କଣ ?' ହଠାତ ଦିନେ ଉତ୍କ୍ଷିପ୍ତ ହୋଇ ମା'ଙ୍କ ଖଣ୍ଡାକୁ ଟାଣି ଆଣି ମୁଁ ନିଜକୁ ତୁମଠାରେ ବଳୀ ଦେବି କହି ଯେତେବେଳେ ଖଣ୍ଡା ଉଠାଇଲେ ମା' କାଳୀ ଜ୍ୟୋତିର୍ମୟୀ ରୂପଧରି ତାଙ୍କୁ ଦର୍ଶନଦେଲେ। ମା'ଙ୍କ ଦର୍ଶନ ପାଇ ତାଙ୍କର ବ୍ୟାକୁଳତା ବଢ଼ିଗଲା। ସେ ମା'ଙ୍କ ବିନା ମୁହୂର୍ତ୍ତଟିଏ ରହିପାରିଲେ ନାହିଁ। ସେ ଚିନ୍ମୟୀ ମା'ଙ୍କ ସହିତ କଥା ହେଉଥିଲେ, ହସୁଥିଲେ ଏପରିକି ଆତ୍ମବିଭୋର ମ୍ନ ହୋଇପଡୁଥିଲେ। ଏପରିକି ସେ ପାଗଳପ୍ରାୟ ଏଣେତେଣେ ଘୁରି ବୁଲିଲେ। ସେବାୟତ ମଥୁରା ବାବୁ ପ୍ରସିଦ୍ଧ ବୈଦ୍ୟରାଜଙ୍କୁ ଦେଖାଇବା ପାଇଁ ରାମକୃଷ୍ଣଙ୍କୁ ନେଇଗଲେ। ବୈଦ୍ୟରାଜ ରାମକୃଷ୍ଣଙ୍କ ଅବସ୍ଥା ଦେଖି କହିଲେ – 'ଏହାଙ୍କରତ ଦିବ୍ୟ ଉନ୍ମାଦ ଅବସ୍ଥା।' ଏହା ଔଷଧରେ ଭଲହେବ ନାହିଁ। ମଥୁରା ବାବୁ ମ୍ନ ରାମକୃଷ୍ଣଙ୍କ ଭିତରେ ମା' କାଳୀଙ୍କର ଅଲୌକିକ ରୂପ ଦେଖିଲେ। ସେହିଦିନଠାରୁ ସେ ରାମକୃଷ୍ଣଙ୍କୁ 'ନରଦେହଧାରୀ ଭଗବାନ' ଭାବରେ ଭକ୍ତି କଲେ। ରାମକୃଷ୍ଣ ମା' କାଳୀଙ୍କର ପୂଜା କରୁକରୁ ଅଲୌକିକକାର୍ଯ୍ୟରେ ବ୍ରତୀ ହେଲେ। ବେଳେ ବେଳେ ସେ ପୂଜା କରୁଛନ୍ତି ତ କରୁଛନ୍ତି, ପୁଣି ଆଳତି କରୁଛନ୍ତି ତ କରୁଛନ୍ତି। ଦେବୀଙ୍କ ମୁଣ୍ଡରେ ଫୁଲ ଚଢ଼ାଇବାକୁ ଯାଇ ନିଜ ମୁଣ୍ଡରେ ଫୁଲ ଚଢ଼ାଇ ଦେଉଛନ୍ତି। ଦେବୀଙ୍କୁ ଖୁଆଇବାକୁ ଯାଇ ତାଙ୍କ ମୁଖ ପାଖରେ ସେମିତି ନୈବେଦ୍ୟକୁ ଧରି ରଖିଛନ୍ତି। ପୁଣି କେତେବେଳେ ଦେବୀଙ୍କ ଶୟନ ନିମନ୍ତେ ଶଯ୍ୟା ପ୍ରସ୍ତୁତ କରି ନିଜେ ଶୋଇପଡୁଛନ୍ତି। କ୍ରମେ ସେ ଦେବୀଙ୍କର ପୂଜା କରି ନପାରି ଉନ୍ମାଦ ଭଳି ବ୍ୟବହାର କଲେ। ଦିନେ ସେ ମା'ଙ୍କୁ କହିଲେ – "ମା' ମୁଁ ଲେଖାପଢ଼ା ଜାଣେ ନାହିଁ। ମୋତେ ଦୟାକରି ସବୁଶାସ୍ତ୍ରର ସାରମର୍ମ କହିଦେ।" ସେହିଦିନ ଠାରୁ ମା'ଙ୍କ ନିର୍ଦ୍ଦେଶରେ ବହୁସାଧୁସନ୍ଥ ମାନେ ସେଠାକୁ ଆସି ତାଙ୍କୁ ବିଭିନ୍ନ ଧର୍ମରେ ଦୀକ୍ଷିତ କଲେ। ଶେଷରେ ରାମକୃଷ୍ଣ ସିଦ୍ଧିଲାଭ କରି ଘୋଷଣା କଲେ – "ସବୁଧର୍ମ ସତ୍ୟରେ ପ୍ରତିଷ୍ଠିତ। ସବୁଧର୍ମର ଲକ୍ଷ୍ୟ ଈଶ୍ୱରପ୍ରାପ୍ତି। ଯେତେ ମତ ସେତେ ପଥ। ସବୁଧର୍ମ ସେହି ଏକ ପରମେଶ୍ୱରଙ୍କ ନିକଟକୁ ନେଇଯାଏ।''

ଭୈରବୀ ବ୍ରାହ୍ମଣଙ୍କ ଠାରୁ ୬୪ ପ୍ରକାର ତନ୍ତ୍ର ସାଧନା, ଦଶଭୂଜାଙ୍କର ଦଶଭୂଜା ଠାରୁ ଦ୍ୱିଭୂଜା ପର୍ଯ୍ୟନ୍ତ ରୂପ ଦର୍ଶନ, ବୈଷ୍ଣବତତ୍ତ୍ୱ ସାଧନାରୁ ଶାନ୍ତ ଓ ଦାସ୍ୟ ଭାବନାରେ ସିଦ୍ଧି, ଶ୍ରୀରାଧାଙ୍କର ସଖି ଭାବରେ ନାରୀ ପୋଷାକ ପିନ୍ଧି ଶ୍ରୀରାଧା ଓ ଶ୍ରୀକଷ୍ଣଙ୍କ ଦର୍ଶନ ଲାଭ, ଶ୍ରୀ ଗୌରାଙ୍ଗଙ୍କ ଅନୁଚିନ୍ତାରେ ଶ୍ରୀ ଗୌରାଙ୍ଗ ଦର୍ଶନ, ହନୁମାନ ଭାବରେ ଶ୍ରୀରାମଚନ୍ଦ୍ରଙ୍କର ଉପାସନା କରି ହନୁମାନ ଓ ଶ୍ରୀରାମଚନ୍ଦ୍ରଙ୍କ ଦର୍ଶନ ଲାଭ ମ୍ନ ସେ ପାଇଥିଲେ। ଏକଦା ବୈଷ୍ଣବ ପଣ୍ଡିତ ବୈଷ୍ଣବ ଚରଣ ଶ୍ରୀରାମକୃଷ୍ଣଙ୍କୁ କଲୁଡ଼ଲାସ୍ଥିତ ଚୈତନ୍ୟସତାକୁ ନେଇଯାଇଥିଲେ। ସେଠାରେ ରାମକୃଷ୍ଣ ଭାବାବିଷ୍ଟ ହୋଇ ଶ୍ରୀଚୈତନ୍ୟଦେବଙ୍କ ଆସନରେ ଯାଇ ଉପବିଷ୍ଟ ହୋଇଥିଲେ। ଏହାଦେଖି ବୈଷ୍ଣବଚରଣ ମଥୁରାନାଥଙ୍କୁ କହିଥିଲେ – 'ରାମକୃଷ୍ଣଙ୍କ ଏ ଉନ୍ମାଦ ସାମାନ୍ୟ ବା ତୁଚ୍ଛ ନୁହେଁ। ଏହା ପ୍ରେମଉନ୍ମାଦ ଅବସ୍ଥା। ସେ ଈଶ୍ୱରଙ୍କ ପାଇଁ ପାଗଳ ଓ ଚୈତନ୍ୟଙ୍କ ଆସନରେ ବସିବା ଯୋଗ୍ୟ।'

ସମସ୍ତ ଦୈତ୍ୟ ସାଧନାରେ ସିଦ୍ଧିଲାଭ କରି ଶ୍ରୀରାମକୃଷ୍ଣ ଅଦୈତ୍ୟ ସାଧନ ଲକ୍ଷ 'ଳବତୀ କରିଥିଲେ। ଦକ୍ଷୀଣେଶ୍ୱରକାଳୀ ବାଡ଼ିରେ ସଦାବ୍ରତର ବ୍ୟବସ୍ଥା ଥିଲା। ରାମକୃଷ୍ଣ ମା' ଭବତାରିଣୀଙ୍କ ଆଦେଶ ନେଇ ଶତାପୁରୀଙ୍କ ଠାରୁ ବିଧିବଦ୍ଧ ସନ୍ୟାସ ଧର୍ମ ଗ୍ରହଣ କରି ବେଦାନ୍ତ ସାଧନର ଉପଦେଶ ଗ୍ରହଣ କଲେ। ରାମକୃଷ୍ଣଙ୍କୁ କୌଣସି ସାଧନକୁ ଆୟତ କରିବା ପାଇଁ ମାତ୍ର ତିନିଦିନ ସମୟ ଲାଗୁଥିଲା। ଅଳ୍ପ ସମୟ ମ୍ନରେ ରାମକୃଷ୍ଣଙ୍କ ମନ ନିର୍ବିକଳ୍ପ ସମାଧିରେ ଲୀନ ହୋଇଗଲା। ଯେଉଁ ସମାଧିରେ ଲୀନ ହେବାକୁ ତାଙ୍କୁ ଚାଳିଶ ବର୍ଷ କଠୋର ସାଧନା କରିବାକୁ ପଡ଼ିଥିଲା। ଶିଷ୍ୟ ଅନାୟାସରେ ଅଳ୍ପଦିନ ମ୍ନରେ ଏହାର ସ'ଳତା ଦେଖି ଶତାପୁରୀ ଚମତକୃତ ହୋଇପଡ଼ିଥିଲେ। ଆପଣା ଶିଷ୍ୟକୁ ତିନିଦିନ କାଳ ସେହି ନିର୍ବିକଳ୍ପ ସମାଧିରେ ଅବସ୍ଥାନ କରିବା ଦେଖି ସତାପୁରୀ ଯୌଗିକ ଅବସ୍ଥାରୁ ଶିଷ୍ୟଙ୍କ ମନକୁ ସହଜ ଅବସ୍ଥାକୁ ତ'ରାଇ ଆଣିଲେ। ଏହାପରେ ରାମକୃଷ୍ଣଙ୍କ ପାଇଁ ''ନିର୍ବିକଳ୍ପ ସମାଧି"ରେ ସ୍ଥିରହେବା ସହଜସ୍ମ ହୋଇଥିଲା। ଏକଦା ଶ୍ରୀରାମକୃଷ୍ଣ ଛଅ ମାସ ଧରି ନିର୍ବିକଳ୍ପ ସମାଧିରେ ମଗ୍ନ ହୋଇଥିଲେ। ଏହିପରି ଦୀର୍ଘ ବାର ବର୍ଷ ନିରନ୍ତର ସାଧନା ଦ୍ୱାରା ହିନ୍ଦୁଧର୍ମର ସକଳ ଧର୍ମମତ ଓ ସାଧନାରେ ସିଦ୍ଧିଲାଭ କରି ଶ୍ରୀରାମକୃଷ୍ଣ "ପରମହଂସ ଶ୍ରୀରାମକୃଷ୍ଣ" ହୋଇଥିଲେ।

ପ୍ରତ୍ୟେକ ଧର୍ମ ଈଶ୍ୱରଙ୍କ ପାଖରେ ପହଂଚିବା ପାଇଁ ସ୍ୱତନ୍ତ୍ର ପଥ ନିର୍ଦ୍ଧାରଣ କରିଥାଏ। ନିରାକାର ପୂଜା ଓ ମୂର୍ତ୍ତି ପୂଜା ଉଭୟପନ୍ଥା ଠିକ୍। ପ୍ରଥମେ ଏକ ଓ ତାପରେ ଅନେକ। ଏକ ଈଶ୍ୱରଙ୍କୁ ଜାଣିଲେ ଅନେକ ଦେବାଦେବୀଙ୍କୁ ଜାଣିହେବ।କେବଳ ଈଶ୍ୱର ସତ୍ୟ, ଆଉସବୁ ମିଥ୍ୟା, ଏପରିକି ଜଗତ ମିଥ୍ୟା। ଯେପର୍ଯ୍ୟନ୍ତ ସଂସାର ପ୍ରତି ଓ କାମିନୀ-କାଂଚନପ୍ରତି ମନୁଷ୍ୟର ଆସକ୍ତି ଅଛି, ସେ ପର୍ଯ୍ୟନ୍ତ ତାର ମୁକ୍ତି ନାହିଁ। ମନୁଷ୍ୟ ମ୍ନରେ 'ମୁଁକାର'ବା 'ଅହଂକାର' ଥିଲେ ମୁକ୍ତି ନାହିଁ। ମନୁଷ୍ୟର ହୃଦୟ ଶିଶୁର ହୃଦୟ ପରି ସରଳ, ଶାନ୍ତ ନହେବାଯାଏଁ ଈଶ୍ୱରପ୍ରାପ୍ତି ସମ୍ଭବ ନୁହେଁ। ଷୋଡ଼ଶ ଉପଚାର ନେଇ ମନ୍ଦିରରେ ଦେବାଦେବୀ ପୂଜନ ଅପେକ୍ଷା ଦୁଃଖିର ଦୁଃଖ ଦୂର କରିବା ମନୁଷ୍ୟର ମହାନ ସେବାକାର୍ଯ୍ୟ ବୋଲି ଶ୍ରୀରାମକୃଷ୍ଣ ଦୃଢ଼ ମତ ପୋଷଣ କରିଥିଲେ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

ଚକ୍ରାୟୁଧ ନୀଳଚକ୍ର

ପଣ୍ଡିତ ଦୈତ୍ୟାରି ମହାପାତ୍ର

ଶ୍ରୀମନ୍ଦିରର ନୀଳଚକ୍ର ଶ୍ରୀକ୍ଷେତ୍ରଧାମକୁ ଆଗତ ଭକ୍ତର ଦୃଷ୍ଟି ପ୍ରଥମେ ପଥାରୁଢ଼ ହୋଇଥାଏ। ଯାହା ଯୋଜନ ଯୋଜନ ଦୂରରୁ ଭକ୍ତଙ୍କର ମନକୁ ସାର୍ଥକ କରିଥାଏ। ଭକ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପୂର୍ବରୁ ଚକ୍ରରାଜ ନୀଳଚକ୍ରଙ୍କର ଦର୍ଶନ ଲାଭ କରିଥାଏ। ତା'ପରେ ଭକ୍ତର ମଥା ଆପେ ଆପେ ନତ ହୋଇଯାଏ ମହାପ୍ରଭୁଙ୍କର ପାଦପଦ୍ମ ଆଡ଼କୁ। ନୀଳଚକ୍ରର ଧ୍ୱଜଦଣ୍ଡରେ ଫର ଫର ହୋଇ ଓଡ଼ିୟମାନ ଚୀର ହିଲ୍ଲୋଳିତ ପତାକାକୁ ପତିତପାବନ ବାନା ବୋଲି କୁହାଯାଏ। ଯାହାକୁ ଦର୍ଶନ ମାତ୍ରେ ପିଣ୍ଡ ଧନ୍ୟ ହୋଇଯାଏ। ମହାପାବନର ମହାନ ପଥିକ ରୂପେ ନୀଳଚକ୍ର ଏବଂ ଧ୍ୱଜଦଣ୍ଡରେ ନାଦବିନ୍ଦୁ ଚିହ୍ନିତ ପତିତପାବନ ପତାକା ପ୍ରଭୁଙ୍କର ଯଶୋଗାଥାକୁ ବିକୀର୍ତ୍ତିତ କରି କାହୁଁ କେତେ କାଳରୁ ଉଡ଼ିଆସୁଛି।

ନୀଳଚକ୍ରର ଇତିହାସ ମନ୍ଦିର ନିର୍ମାଣ ଇତିହାସ ସହିତ ଜଡ଼ିତ। ନୀଳଚକ୍ର ଭଗବାନ ବିଷ୍ଣୁଙ୍କର ଦିବ୍ୟାୟୁଧ। ଚକ୍ରାୟୁଧ ନୀଳଚକ୍ର ପ୍ରତିଷ୍ଠା ବିନା ବିଷ୍ଣୁ ମନ୍ଦିର କେବେ ବି ସମ୍ପୂର୍ଣ୍ଣ ହୋଇନଥାଏ। ବିଷ୍ଣୁ ଭକ୍ତ ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମନ୍ଦିର ନିର୍ମାଣ ସମୟରୁ ନୀଳଚକ୍ର ପ୍ରତିଷ୍ଠା ହୋଇଥିଲେ ହେଁ ପୁନଶ୍ଚ ଗୁପ୍ତବଂଶର ରାଜୁତି ସମୟରେ ଯଯାତିକେଶରୀ ମନ୍ଦିର ନିର୍ମାଣ କରାଇ ମହାପ୍ରଭୁଙ୍କୁ ବିଜେ କରାଇଥିଲେ। ସେ ସମୟରେ ମଧ୍ୟ ନୀଳଚକ୍ର ପ୍ରତିଷ୍ଠା, ହୋଇଥିଲା; ମାତ୍ର ଯଯାତିଙ୍କ ନିର୍ମିତ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହୋଇଗଲା। ତାର ବହୁ ବର୍ଷ ପରେ ଜଟା କାମଦେବ ମଧୁପୁର ଯାବନିକ କ୍ଷେତ୍ରରେ ମନ୍ଦିର ପ୍ରତିଷ୍ଠା କରି ମହାପ୍ରଭୁଙ୍କୁ ବିଜେ କରିବା ସହିତ ନୀଳଚକ୍ର ପ୍ରତିଷ୍ଠା କରିଥିଲେ; ମାତ୍ର ମାଦଳା ପାଞ୍ଜିର ବିବରଣୀ ଅନୁଯାୟୀ ଖ୍ରୀଷ



ମୂଳଗଛି

କବିତା

ତୁମ ପାଇଁ

ହେଲି ସୁନାପିଲା

ପ୍ରଶାନ୍ତ କୁମାର ଦାଶ

ଶୁଣିଲି ବସି କୋଇଲି ଗୀତ
ଭୁଲିଲି ସବୁ ଦୁଃଖ
ଶୁଆ ସାଥୀରେ ବସିଲି ମିତ
ପାଇଲି କେତେ ସୁଖ ।।

ଗଛ ଛାଇରେ ପଢିଲି ପାଠ
ବାଧିଲା ନାହିଁ ଖରା
ଗଛ ପାଖରେ ଥାଏ ପବନ
ଶୀତଳ ଛାଇ ଭରା ।।

ସିଲି ଯାଇ ଘୋଡାପିଠିରେ
ପାଠ ପଢିବା ଛାଡି
ଧାଇଁଲା ଘୋଡା ବହୁତ ଦୂର
ସତେ ଯେମିତି ଗାଡି ।।

ତୋଳି ଆଣିକି ଗଛରୁ ଫୁଲ
ଗୁନ୍ଥିଲି ଏକ ହାର
ବିଭୁ ଗଳାରେ ଝୁଲାଇ ଦେଇ
ଢାଳିଲି ଲୁହଧାର ।।

ପୋତିଲି ଗଛ ମାଟି ଛାତିରେ
ଦେଇତା ମୂଳେ ଜଳ
ଗଛ ବଢ଼ିଲା ବଡ ହୋଇଲା
ଫଳିଲା ଡାଳେ ଫଳ ।।

ସକାଳ ହେଲା କଅଁଳ ଖରା
ଆକାଶୁ ଗଲା ଖସି
ଗଢ଼ିଲି ଏକ ସୁନ୍ଦର ଘର
ବାଲି ଧୂଳିରେ ବସି ।।

ଛୋଟରୁ ବଡ ହେଲିତ ଦିନେ
ସୁନାପିଲା ମୁଁ ହେଲି
ରଖିଲି ଟେକ ଗରବ ଯଶ
ଦୁଃଖ ଅଭାବ ଠେଲି ।।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
(ମୋ) ୯୬୬୮୮୨୨୧୯୦

ବସନ୍ତ ଆସିଛି ପରା...

ରାମଚନ୍ଦ୍ର ବେହେରା

ନାନା ଜାତି ପୁଷ୍ପେ ସଜେଇ ହୋଇକି
ହସୁଛି ପବିତ୍ର ଧରା
କୁହୁକୁହୁ ତାନେ କୋଇଲି ଡାକୁଛି
ବସନ୍ତ ଆସିଛି ପରା ।

କଅଁଳ ପତ୍ରରେ ଚାରୁ ତରୁଲତା
ଦିଶିଲେଣି ଶୋଭାବନ
ଆମ୍ବ ବଉଳର ମଧୁର ବାସନା
କିଣିଲାଣି ଜନ ମନ ।

ବାଡି ବଗିଚାରେ ହଳଦୀ ବସନ୍ତ
ଖୁସି ଭରିଲାଣି ପ୍ରାଣେ
ସୂରୁଜ କିରଣ ଉଜ୍ଜ୍ୱଳ ହେଲାଣି
ଦେଶ କୋଣେ ଅନୁକୋଣେ ।

ନାଲି ଟହଟହ ପଳାସ ଶିମୂଳି
କୃଷ୍ଣଚୂଡା ମନଲୋଭା
ଦେଖିଦେଲେ ଥରେ ଆଖି ନଫେରଇ
ଆହାକି ଅପୂର୍ବ ଶୋଭା ।

ଦକ୍ଷିଣ ଦିଗରୁ ମଳୟ ପବନ
ବହିଲାଣି ଧୀରେ ଧୀରେ
ଦେହ ପାଇଁ ହିତ ତାହାରି ପରଶ
ଜାଣନ୍ତି ସର୍ବେ ସଂସାରେ ।

ପ୍ରକୃତିର ରୂପ ଲାଗେ ରମଣୀୟ
ବହେ ଆନନ୍ଦର ଧାରା
ଛିଟ ଶାଢୀ ପିନ୍ଧି ଧରା କୁହେ ହସି
ବସନ୍ତ ଆସିଛି ପରା ।

ଆସ ବସନ୍ତର ସୁନ୍ଦର ବେଶକୁ
ମନଲୋଭା ରୂପ ଦେବା
ଖାଲି ଜାଗା ଦେଖି ନୂଆ ଚାରା ପୋତି
ତାହାର ଯତନ ନେବା ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬

ବସନ୍ତ ଆସିଲା

ନୀଳମଣି ଚାନ୍ଦ

ବସନ୍ତ ଆସିଲା, ଆମ୍ବ ଡାଳେ ବସି
କୋଇଲି ଗାଇଲା କୁହୁ
ଗୀତ ଶୁଣିବାକୁ ଶୀତଟି ନାଇଁ ରେ
କେବେଠୁ କରିଛି ଛୁଉ ।

ବସନ୍ତ ଆସିଲା ଦକ୍ଷିଣ ଦିଗରୁ
ମଳୟ ଆସିଲା ବହି
ପରଶ ତାହାର ଚନ୍ଦନ ସମାନ
ଭାଷାରେ ହୁଏନି କହି ।

ବସନ୍ତ ଆସିଲା ଆମ୍ବ ଗଛ ଗଲା
ବଉଳ ପେନ୍ଥାରେ ଭରି
ସେହି ବଉଳରୁ ଟୋପା ଟୋପା ହୋଇ
ମହୁ ପଡିଲାଣି ଝରି ।

ବସନ୍ତ ଆସିଲା ପଳାଶ,ଅଶୋକ
ଫୁଟି ଦିଶେ ମନଲୋଭା
କଅଁଳ ପତ୍ରରେ ବୃକ୍ଷ ଭରିଗଲା
ବଢିଲା ଧରାର ଶୋଭା ।

ବସନ୍ତ ଆସିଲା ଋତୁରାଜ ନାମେ
ଆମେଯେ ତାହାକୁ କହୁ
ରାଜତନ୍ତ୍ର ନାହିଁ ଚୈତ୍ର ଶେଷ ଯାଏ
ରାଜୁତି ତାହାର ରହୁ ।

+ ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

ତୁମ ଲେଖା...

ଗାଁ...

ମନୀଷ ଦାସ

ଗାଁର ସେହି ମନ୍ଦିର ପଛେ
ଖେଳେ ନିତି କେତେ ଖେଳ
ସେହି ଧୂଳିମାଟି ମୋ ଦେହକୁ
ଲାଗଇ କେଡ଼େ ଭଲ ।

ଜନମ ମୋର ସେହି ଗାଁରେ
ସରଗ ମୋ ପାଇଁ ଯିଏ
ତାର ସେହି ସ୍ନେହ ଆଦରେ ସିନା ମୁଁ
ସବୁ ଦୁଃଖ ଭୁଲିଯାଏ ।

ଗାଁର ସେହି ତୋଟା ମାଳରେ ମୁଁ
ବୁଲେ କଣ୍ଢେଇ କୋଳି ଖାଇ
ନଈ କୂଳିଆ ଶୀତଳ ବାଆ
ଏ ମନକୁ ଯାଏ ଛୁଇଁ ।

ଲୁଚି ଲୁଚକାଣି ବୋହୂ ଚୋରି ଭଳି
କେତେ ଖେଳୁଥିଲୁ ଖେଳ
ସେଥିପାଇଁ ମୁଁ କହେ ମୋର ଗାଁ
ସହରଠୁଁ ଭାରି ଭଲ ।

ସକାଳର ସେହି କୋଇଲିର ସ୍ୱର
ଲାଗେ କେଡ଼େ ମନୋହର
ଗାଁ ମାଟି ଧୂଳି ମୋ ପାଇଁ ଚନ୍ଦନ
ଫଗୁଣର ହୋଲି, ଅବିର ।

ତାହାରି ବାୟୁ ମୋ ଦେହରେ
ଚଳାଏ ପ୍ରାଣ ନାଆ
ତାହାରି ଲାଗି ହୋଇ ପାରିଛି ମୁଁ
ଏଇ ଧରା ତଳେ ଠିଆ ।

ରାତିର ଫୁଲ ସକାଳେ ଫୁଟେ
ସଂଜରେ ମଉଳି ଯାଏ
ମନ ହୁଏ ତା'ଚରଣ ତଳେ ମୁଁ
ମୁଣ୍ଡ ନୁଆଇଁ ଦିଏ ।

+ ସପ୍ତମ ଶ୍ରେଣୀ
ଦତ୍ତ କୋଚିଂ ସେଣ୍ଟର, ରଘୁନାଥପୁର,
ବାରିପଦା
(ମୋ) -୭୮୯୪୩୩୭୧୨୭

ରାଜୁର ଚଷମା

ପ୍ରଦ୍ୟୁମ୍ନ ପଟ୍ଟନାୟକ

ରାଜୁର ଜେଜେ ସବୁଦିନ ଗାଧୋଇ ଆସି ଠାକୁର ଘରେ ପୂଜା କରିବାକୁ ବସନ୍ତି କ୍ଷ ଫୁଲ ଚନ୍ଦନ ଦେଇ ଦେବ ଦେବୀଙ୍କ ମୂର୍ତ୍ତି ସଜାଇବା ପରେ ଧୂପ ଦୀପ ଜଳାଇ ଭୋଗ ଲଗାନ୍ତି । ତା' ପରେ ତାଙ୍କର ଗୋଟିଏ ଅଧ୍ୟାୟ ଗୀତା ଭାଗବତ ପଢ଼ିବା ଅଭ୍ୟାସ । ସେଦିନ ଭୋଗ ଲଗାଇ ସାରି ଜେଜେ ରାଜୁକୁ କହିଲେ ତାଙ୍କ ପଢ଼ା ଟେବୁଲ ଉପରେ ଥିବା ଚଷମାଟି ଆଣି ଦେବାକୁ । ରାଜୁ ଧାଇଁ ଯାଇ ଜେଜେଙ୍କ ଚଷମା ନେଇ ଆସିଲା । ଜେଜେ ଭାଗବତ ଗୋଟିଏ ଅଧ୍ୟାୟ ପଢିଲେ । ବୁଝୁ କି ନ ବୁଝୁ ତାଙ୍କ ପାଖରେ ବସି ରାଜୁ ଶୁଣୁ ଥାଏ । ତା'ର କିନ୍ତୁ ଧ୍ୟାନ ଥାଏ ଜେଜେ କେତେବେଳେ ପୂଜା ସାରି ତାକୁ କଦଳୀ ,ଲଡୁ, ଉଖୁଡ଼ା ଭୋଗ ଦେବେ ଖାଇବାକୁ ।

ଭୋଗ ଖାଇଦେଇ ରାଜୁ ପଚାରିଲା, "ଜେଜେ ତୁମେ କ'ଣ ଛୋଟ ବେଳୁ ଚଷମା ପିନ୍ଧୁଛ ?"

ଜେଜେ କହିଲେ, " ନା ମୋର ଛୋଟ ବେଳୁ ଚଷମା ପିନ୍ଧିବା ଦରକାର ନଥିଲା । ମୋତେ ପଚାଶ ବର୍ଷରୁ ଅଧିକ ହେବାରୁ ପଢ଼ା ପଢି କରିବା ପାଇଁ ଚଷମା ବ୍ୟବହାର କରିବାକୁ ପଡ଼ିଲା ।"

ରାଜୁ କହିଲା, 'ଜେଜେ ମୋତେ ବି ବେଳେ ବେଳେ ପଢିବାକୁ ଅସୁବିଧା ହେଉଛି । ଦୂରରେ କଳାପଟାରେ ଶିକ୍ଷକ ଲେଖୁଥିବା ପାଠ ମୋତେ ଭଲ ଭାବରେ ଦେଖା ଯାଉନାହିଁ । ମୋତେ କ'ଣ ତୁମ ଭଳିଆ ଚଷମା ପିନ୍ଧିବାକୁ ପଡିବ ?"

ଜେଜେ ରାଜୁର କଥାଶୁଣି ତାକୁ ଜଣେ ଆଖି ଡାକ୍ତରଙ୍କ ପାଖରୁ ନେଇଗଲେ । ଡାକ୍ତର ଆଖି ପରୀକ୍ଷା କରି କହିଲେ ରାଜୁକୁ ଚଷମା ଲଗାଇବାକୁ ପଡ଼ିବ । ଲମ୍ବା ସମୟ ଧରି ଟିଭି ଏବଂ ମୋବାଇଲ ଦେଖିବା ଫଳରେ ତା' ଆଖି ଦୁର୍ବଳ ହୋଇ ଆସୁଛି । ତା' ବ୍ୟତୀତ ତାକୁ ଯଥେଷ୍ଟ ପରିମାଣର ସବୁଜ ପନିପରିବା ଶାଗ ଶିମ୍ବ ଆଦି ଖାଇବାକୁ ପଡ଼ବ । ରାଜୁ ଛୋଟ ବେଳୁ ଆମିଷ ପ୍ରିୟ । ମାଛ,ମାଂସ, ଅଣ୍ଡା ବ୍ୟତୀତ ତାକୁ ଆଳୁ, ମଟର, ଛେନା ଆଦି ଖାଦ୍ୟ ଭଲ ଲାଗେ । ଶାଗ, ଶିମ୍ବ, କଲରା ଆଦି ସବୁଜ ପରିବା ତାକୁ ଭଲ ଲାଗେ ନାହିଁ । ମ୍ୟାଗି, ପିଜା, ବରଗର ଆଦି ଖାଇବାରେ ତାର ସଉକ । ଦୁଧ ଦହି ଖାଇବାକୁ ପସନ୍ଦ କରେ ନାହିଁ ।

ଆଖି ଡାକ୍ତର ସବୁ କଥା ଜାଣିବା ପରେ ରାଜୁ ପାଇଁ ଗୋଟିଏ ଚଷମା ତିଆରି କରାଇ ଦେଲେ । ଆଖିରେ ପକାଇବାକୁ ଔଷଧ ଦେଇ କହିଲେ, 'ନିୟମିତ ଦୁଧ ଦହି ସହ ସବୁଜ ପନିପରିବା ଖାଇବାକୁ ଓ ଡାକ୍ତରଙ୍କ କଥା ମାନି ରାଜୁ ନୂଆ ବର୍ଷ ଆରମ୍ଭରୁ ପାଳଙ୍ଗ, ମେଥି, କୋଶଳା ଆଦି ଶାଗ ସହ ଭେଣ୍ଡି, ଶିମ୍ବ, ଆଦି ସବୁଜ ପରିବା ଖାଇବାକୁ ଲାଗିଲା । ସେ ଛୁଟି ସରିବା ପରେ ତା' ବାପା ମା'ଙ୍କ ପାଖକୁ ଫେରିଯିବା ପୂର୍ବରୁ ଜେଜେଙ୍କୁ କହିଗଲା ଯେ ଡାକ୍ତରଙ୍କ କହିବା ଅନୁଯାୟୀ ସେ ସୁଷମ ଖାଦ୍ୟ ଖାଇବ । ଅଧିକ ସମୟ ଟିଭି ମୋବାଇଲ ଦେଖିବ ନାହିଁ ।

ଜେଜେ କହିଲେ ଆଖି ଦୁଇଟି ଅମୂଲ୍ୟ ସମ୍ପଦ । ତା ' ଦ୍ୱାରା ଆମେ ସାରା ଦୁନିଆକୁ ଦେଖି ପାରୁ । ଆଖି ନଥିବା ଲୋକଙ୍କୁ ସାରା ଦୁନିଆ ଅନ୍ଧାର ଦେଖାଯାଏ । ସିଏ କିଛି ଦେଖି ପାରେନାହିଁ । ତେଣୁ ଆମର ଆଖି ପ୍ରତି ଯତ୍ନ ଦେବା ଦରକାର ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ
ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

ବାଇଚଢ଼େଇରେ ବାଇଚଢ଼େଇ

ଦୀପକ କୁମାର ମିଶ୍ର

ବାଇଚଢ଼େଇରେ ବାଇଚଢ଼େଇ
ଭଲଲାଗେ ତୋର କିଚିରିମିଚିରି
ଅଗଣାରେ ଦେଇଛି ଚାଉଳ ଥୋଇ
ଆସି ଖାଇଦେବୁ ତୁ ନକରି ଡେରି ।

ଗ୍ରୀଷ୍ମ ଯେ ଆସୁଛି ଡହଡ଼ହ ଖରା
କୁନି ଦେହ ତୋର ପାରେନି ସହି
ବାନ୍ଧିଛି ଗଛଡ଼ାଳେ ନୀଡ଼ଟେ ପରା
ଉଡ଼ି ଉଡ଼ି ଆସି ଯିବୁ ଖୁସିରେ ରହି ।

ଗ୍ରାମ ଶେଷ ହୋଇ ସହର ବଢୁଛି
ବଣ ବୃକ୍ଷ ଲତା ଯେ ନଦିଶେ ଆଉ
ତାତିର ପ୍ରକୋପ ବଢ଼ି ବଢ଼ି ଯାଉଛି
ବାଇଚଢ଼େଇ ଏବେ ହଜି ତୁ ଯାଉ ।

ବଗିଚାରେ କେତେ ବୁଲୁଥିଲ ଆସି
ପିଲାଦିନ କଥା ଜମା ଭୁଲି ମୁଁ ନାହିଁ
ବସି ଘର ଚାଳେ ହେଉଥିଲ ଖୁସି
ସରାଗରେ ମୁଁ ଯାଉଥିଲି ଯେ ଧାଇଁ ।

ଅତି ନିରାଶାରେ କଥାଟିଏ କହେ
ଶୁଣିବ ଆହେ ଆଜିର ଶିକ୍ଷିତ ନର
ବାଇଚଢ଼େଇ ଏବେ ବିଲୁପ୍ତ ପ୍ରାୟେ
ନିଶ୍ଚୟ ଏହାର କିଛି ପ୍ରତିକାର କର ।
ଞ୍ଞଞ୍ଞଞ୍ଞଞ୍ଞଞ୍ଞ

+ ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

ସ୍କୋପ

ସୁନନ୍ଦା ମହାନ୍ତି

ସାର୍ ଅର୍ଥାତ ଇଂରାଜି ଶିକ୍ଷକ ଜଣଙ୍କ ମନ ପ୍ରାଣ ଢାଳି ଦେଇ ଉଦ୍ୟମ ଜାରି ରଖିଥାନ୍ତି । ପିଲାଙ୍କୁ ଟେନ୍ସ ଫର୍ମ ପଢ଼େଇ ଶିଖେଇ ବାକ୍ୟ ଗଠନ ସହ ନିଜେ ନିଜେ ଇଂରାଜି ରଚନା ଲେଖିପାରିବାର ଦକ୍ଷତା, ଟ୍ରାନ୍ସଲେସନ କରିବାର କ୍ଷମତା ସାଙ୍ଗକୁ ଇଂରାଜୀ ଭାଷାକୁ ଆୟତ୍ତ କରିବାର ପ୍ରଣାଳୀ ସବୁକୁ ପ୍ରାଞ୍ଜଳ ଭାବରେ ମନେରହିଲା ଭଳି ପଢ଼ାଇ ଚାଲିଥାନ୍ତି ।

ଶିକ୍ଷକ କହୁଥାନ୍ତି ଯେତେବେଳେ ଦେଖିବ ଅତୀତରେ ଦୁଇଟି କାମ ଏକାସାଙ୍ଗରେ ହୋଇଛି ସେତେବେଳେ କତ୍ତା ଅଲଗା ଥିଲେ ମଧ୍ୟ ତାଙ୍କ କର୍ମ ଅର୍ଥାତ ଭର୍ବର ସିମ୍ପୁଲ ପାଷ୍ଟ କରିବ ଯେମିତିକି ଶିକ୍ଷକ କ୍ଲାସକୁ ପ୍ରବେଶ କଲେ ଓ ପିଲାମାନେ ଠିଆ ହେଲେ ।

- କହିଲ, କର୍ତ୍ତା ଦୁଇଜଣ କିଏ ?

ପିଲାଏ ଉତ୍ତର ଦେଲେ ଶିକ୍ଷକ ଓ ପିଲାମାନେ ।

- ତାଙ୍କର କର୍ମ କଣ କହିଲ ?

ପିଲାଏ ଉତ୍ତର ଦେଲେ ଶିକ୍ଷକଙ୍କର ଆସିବା କର୍ମ ବେଳେ ପିଲାଙ୍କର ଠିଆହେବା କର୍ମ ।

- ହଁ ଠିକ କହିଛ, ତେବେ ବାକ୍ୟ ଗଢି କୁହ ଏଥର ।

ସମସ୍ତେ କହିଦେଇଥିଲେ ବାକ୍ୟଟି, ଦ ଟିଚର କେମ ଆଣ୍ଡ ଦ ଚିଲଡ୍ରେନ ଷ୍ଟାଣ୍ଡଅପ ।

ସବୁ ପିଲା ବା ଛାତ୍ର ଛାତ୍ରୀମାନେ ସାରଙ୍କ କଥା ମନ ଦେଇ ଶୁଣୁଥିଲା ବେଳେ ରାଜୁ ଯିଏକି ପଛ ବେଂଚରେ ବସିଥିଲା ଚୁପ ଚାପ କାଗଜ କଲମରେ କଣ ଲେଖି ଚାଲିଥିଲା ତ ସାର୍ ତା ପାଖକୁ ଯାଇ କାଗଜଟିକୁ ଆଣି ଦେଖିଲେ ସେଥିରେ ରାଜୁ ତାଙ୍କ ଚିତ୍ର କରିବା ସହ ବ୍ଲାକବୋର୍ଡରେ ଲେଖୁଥିବାର ଦୃଶ୍ୟକୁ ଖୁବ ସୁନ୍ଦର ଭାବେ ପେଣ୍ଟିଙ୍ଗ କରିଛି । ସାର ତାକୁ କିଛି ଗାଳି କରିବା ପରିବର୍ତ୍ତେ ତା ମୁଣ୍ଡ ସାଉଁଳି ଦେଲେ ।

ଛାତ୍ରମାନଙ୍କ ଭିତରୁ ନିରୋଦ ଉଠିପଡ଼ି କହିଲା- ସାର୍, ସେ ଯୁଆଡେ ଯାଉଛି ଏମିତି ପେଣ୍ଟିଙ୍ଗ କରୁଛି । ପାଠ ପଢିବାରେ ମନ ଦେଉନି ବୋଲି ଘରେ ତା ବାପା ମାଆ ମାନେ ମଉସା ମାଉସୀ ବହୁତ ବ୍ୟସ୍ତ ହେଉଛନ୍ତି । ଗତକାଲି ରବିବାର ବଜାରରେ ଜଣେ ଭିକାରୀ, ଜଣେ ଚା'ବାଲୀ ମାଉସୀ, ମାଛ ବିକୁଥିବା ଭାଇ, ଫଳ ବିକୁଥିବା ମଉସା, ଅଟୋ ଚଲାଉଥିବା ଅଟୋବାଲା ଭାଇନା ଓ ପରିବା ବିକୁଥିବା ଅଜାଙ୍କ ଫୋଟୋ କରି ସେମାନଙ୍କୁ ଦେଖାଇ ଖୁବ୍ ଖୁସି ହେଉଥିଲା । କିନ୍ତୁ ତାଙ୍କ ଘରେ ମଉସା ମାଉସୀ ବ୍ୟସ୍ତ ହେଉଥିଲେ ଏଥିରୁ କଣ ପେଟ ପୁରିବ କହି । ପାଠ ଶାଠ ଦି ଅକ୍ଷର ପଢି ଚାକିରୀ ବାକିରୀ କଲେ ସିନା ଘରକୁ ପଇସା ଆସିବ, ଆଉ ଏ ପେଣ୍ଟିଙ୍ଗର ଖୁସିରୁ କଣ ମିଳିବ ?

ସାର୍ କହିଲେ- ରାଜୁ, ତୁମେ ଆଜି ମୋ ସହ ଆମ ଘରକୁ ଚାଲ ।

ରାଜୁ ଶିକ୍ଷକଙ୍କ କଥା ଭାଙ୍ଗି ନପାରି ତାଙ୍କ ଘରକୁ ଗଲା । ଦେଖିଲା ସାର୍‌ଙ୍କ ଏକମାତ୍ର ଝିଅ କୌଣସି ନା କୌଣସି ଜିଦ କରି ସବୁବେଳେ କାନ୍ଦୁଛି । ରାଜୁ ସଙ୍ଗେ ସଙ୍ଗେ ତା ଡ୍ରଇଂ ପେପର ଓ ଆର୍ଟ ପେନସିଲ ସାହାଯ୍ୟରେ ଝିଅଟିର କାନ୍ଦୁଥିବା ଦୃଶ୍ୟର ଅବିକଳ ନକଲ ଚିତ୍ରଟିଏ କରି ତା ହାତକୁ ବଢ଼େଇ ଦେଇଥିଲା ।

ସେଇଟିକୁ ଦେଖି କାନ୍ଦୁରୀ ଝିଅ ଚୁପ୍ ହୋଇ ଯାଇଥିଲା । ଆଉ ସାର ଦେଖିଲେ ଚିତ୍ରଟି ଉପରେ ରାଜୁ ଲେଖିଛି ଦ ଗାର୍ଲ ଇଜ ଅଲୱେଜ କ୍ରାଇଙ୍ଗ ।

ଚମତ୍କୃତ ହେଲେ ସାର୍ । ରାଜୁ ସହିତ ତାଙ୍କ ଘରକୁ ଯାଇ ତା ବାପାମାଆଙ୍କୁ ବୁଝେଇ ଦେଇ ଆସିଲେ । କହିଲେ- କିଏ କହିଲା ରାଜୁ ପାଠ ପଢେ ନାହିଁ । ରାଜୁ ଯେମିତି ପଢେ କେହି ସେମିତି ଆଜି ଯାଏଁ ପଢିନାହାଁନ୍ତି । ତାକୁ କେବଳ ସ୍କୋପ ଦରକାର । ଉଦାହାରଣ ଆବଶ୍ୟକ ।

ସେତିକି ବେଳେ ଚା'ବାଲୀ ମାଉସୀ ଗରମ ଗରମ ବରା ସହ ଚା ନେଇ ଆସିଥିଲେ ରାଜୁ ପାଇଁ । ଫଳ ଦୋକାନୀ ଫଳ, ମାଛବାଲା ଭାଇ ମାଛ, ଅଟୋବାଲା ଭାଇ ବୁଲେଇ ନେବାକୁ ପ୍ରସ୍ତୁତ ତ ଭିକାରୀ ଭାଇ ଆଶୀର୍ବାଦ ଦେଇ ରାଜୁକୁ ବଡ଼ମଣିଷ ହେବାକୁ କହୁଥିଲେ ।

ଏସବୁ ଲକ୍ଷ୍ୟ କରି ଗଳ୍ପ ଓ କବିତାରେ ରାଜୁ ବିଷୟରେ ଲେଖି ଲେଖକ ଜଣେ କହୁଥିଲେ ଯିଏ ଅନ୍ୟ ଓଠରେ ହସ ଫୁଟେଇବାର କଳା ଜାଣିଛି ତାକୁ ଆଉ କୋଉ ପାଠ ନିଅଣ୍ଟ ପଡିବ । ସବୁଠୁ ବଡ଼ କଥା ସାରଙ୍କ କାନ୍ଦୁରୀ ଝିଅ କାନ୍ଦିଲା ବେଳେ ସେହି ଫଟୋ ଦେଖି ଚୁପ ହୋଇ ହସିଦିଏ । ତା ପରଠୁ ରାଜୁ ହିଁ କ୍ଲାସରେ ସବୁ ବିଷୟରେ ଆଗରେ ରହୁଥିଲା ।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

ଜୟପୁର ଠାରେ ଆଂଚଳିକ କୃଷି ଯନ୍ତ୍ରପାତି ମେଳା

ଜୟପୁର, ୨୮/୨ (ନି.ପ୍ର): ଜୟପୁର ଦଶହରା ପଡିଆରେ ଗୁରୁବାର ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଅନଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ରାମ ମାଛ ଯୋଗଦେଇ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଉପାଧକ୍ଷ ରାଧାବିନୋଦ ସମାନ୍ତରାୟ, ମୁଖ୍ୟ ଉନ୍ନୟନ ଅଧିକାରି ବେଣୁ ଧର ଶବର, ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି, ଜିଲା ମୁଖ୍ୟ କୃଷି ଅଧିକାରି ଗୋକୁଳ ଚନ୍ଦ୍ର ପ୍ରଧାନ, ଜିଲା ମତ୍ସ ଅଧିକାରି ଭରତ ଭୁଷଣ ସାହୁ, କୋରାପୁଟ ବିଭାଜନର କୃଷି ନବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, ଏସଡିଭିଓ ବିଶ୍ୱଜିତ ରୟ, କୃଷି ଜିଲା ଅଧିକାରି ଲୋଚନ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ଅତିଥି ମାନେ ବୃକ୍ଷ ଜଳ ଅର୍ପଣ କରି ଜଗନ୍ନାଥ ଙ୍କ ନିକଟରେ ଦ୍ୱିପ ପ୍ରଜଲ୍ୱନ କରି ଯନ୍ତ୍ରପାତି ମେଳାକୁ ଉଦଘାନ କରାଯାଇଥିଲା । ଆଜି ଠାରୁ ୩ ତାରିଖ ଯାଏ ୫ ଦିନ ଧରି ଏହି ମେଳା ଚାଲିବ । ମୁଖ୍ୟ ଅତିଥି ବିଧାୟକ ମାଛ ଯୋଗଦେଇ ଚାଷ କାର୍ଯ୍ୟରେ ଆଧୁନିକ ଯନ୍ତ୍ର ପାତି ପ୍ରୟୋଗ କରି କୃଷି କ୍ଷେତ୍ରେ ଅଗ୍ରଗତି କରିବାକୁ ଆହ୍ୱାନ ଦେଇଥିଲେ । ଜିଲାରେ କୃଷି ଜାତ ଦ୍ରବ୍ୟ ଉତ୍ପାଦନ କରି ବାହାରଦେଶ କୁ ଯେପରି ରପ୍ତାନି କରିବେ ସେଥିପ୍ରତି ସମସ୍ତ ଚାଷି ତତ୍ପରତା ହେବା ଆବଷ୍ୟକ ବୋଲି କୋରାପୁଟ ବିଧାୟକ ମାଛ ଚାଷି ମାନଙ୍କୁ ସଚେତନ କରିଥିଲେ । ପ୍ରଥମ ଦିନରେ ଜିଲାର ଲମତାପୁଟ, କୋରପୁଟ, ସେମିଲିଗୁଡା ବ୍ଲକର ଶ୍ରେଷ୍ଠ ଚାଷିଙ୍କୁ ସମ୍ମାନିତ କରାଯାଇଥିଲା । ଲମତାପୁଟ ବ୍ଲକର ରାମ ଚନ୍ଦ୍ର ଶିଶା, ଶାନ୍ତି ବଡ ନାୟକ, ଗଣ ନାଥ ମୁଦୁଲି, କଣ୍ଡ ଖରା ସମ୍ମାନିତ କରାଯାଇଥିବା ବେଳେ କୋରାପୁଟର ଗୌରି ପୁଜାରି, ପ୍ରଶାନ୍ତ ପଟଲି, ଲୋକନାଥ ବନ୍ଦ ପଦିଆ, ଆଦୁ ନାୟକ ସମ୍ମାନିତ କରାଯାଇଥିବା ବେଳେ ସେମିଲିଗୁଡାର ସିଙ୍ଗୁରୁ ହନ୍ତାଳ, ସତ୍ୟ ନାରାୟଣ ରେଡ୍ଡି, ଉକ୍ତ ରାମ ଖିଲ ଭଳି ୧୧ ଜଣ ଶ୍ରେଷ୍ଠ ଚାଷିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା । ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରି ହେଉଥିବା ଯୋଜନା ଗୁଡକର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିଦ୍ଧରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଆଗ୍ରୀମ ତତକାଳୀନ ବୁକିଂ ବ୍ୟବସ୍ଥା ରହିଛି । ମେଳାରେ ଶହେଟି ଷ୍ଟଲ ଖେଳାଯାଇ ଚାଷ, କାର୍ଯ୍ୟରେ ବ୍ୟବହୃତ ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ପାଇ ୬୦ ଷ୍ଟଲ କରାଯାଇଛି । ଓରାମସର ବିଭାଗର ଷ୍ଟଲ, ସଂରକ୍ଷଣ ବିଭାଗର ଷ୍ଟଲ, ଉଦ୍ୟାନ ବିଭାଗର ଷ୍ଟଲ, କୃଷି ବିଭାଗ, ପ୍ରାଣି ବିଭାଗ ଭଳି ସମସ୍ତ ବିଭାଗଦର ଷ୍ଟଲ ଖୋଲାଯାଇ ଚାଷି ମାନଙ୍କୁ ତଲିମ ପ୍ରଦାନ ଯନ୍ତ୍ରପାତି କ୍ରୟ ପାଇ ଋଣ ସୁବିଧା କରାଯାଇଛି । ମେଳା ପରିସରରେ ୧୦ଟି ଫୁଡ ଷ୍ଟଲ କରାଯାଇଛି । ଏହା ସହ ସଂନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆଜି କୁଳଦୀପ ପଟ୍ଟନାୟକ ଓ ଟିମ ର କାର୍ଯ୍ୟକ୍ରମ ରହିଥିଲା । ପ୍ରଥମ ଦିନରେ ୧୧ ଜଣ ଚାଷିଙ୍କୁ ସମ୍ମାନିତ କରାଯାଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି ।

ଦୀର୍ଘଦିନ ପରେ ଦୋବଲ ପଂଚାୟତ କାର୍ଯ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭଦ୍ରକ, ୨୮/୨ (ନି.ପ୍ର): - ଭଦ୍ରକ ଜିଲା ଧାମନଗର ବ୍ଲକ ର ଦୋବଲ ପଂଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ସୋଧ ଗ୍ରାମର ଧରମ ପଡ଼ିଆ ନିକଟ ସରକାରୀ ଜମିରେ ଏହାର ଶିଳାନ୍ୟାସ କରିଛନ୍ତି ଧାମନଗର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଆୟୋଜିତ କାର୍ଯ୍ୟକ୍ରମରେ ଦୋବଲ ସରପଂଚ ଅଶୋକ କୁମାର ପଣ୍ଡା, ସମିତି ସଭ୍ୟା ରୁନିଲତା ସାହୁ, ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନା ଓ ଧାମନଗର ବିଡିଓ ବନ ବିହାରୀ ଦିନ୍ଦା ଉପସ୍ଥିତ ଥିଲେ । ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ପୂର୍ବ ସରକାର ସମୟରେ ୩୩ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ।ତେବେ ସ୍ଥାନ ଚୟନ ରେ ବିବାଦ ରୁ ଉକ୍ତ କାର୍ଯ୍ୟାଳୟ ନିର୍ମାଣ ହୋଇ ପାରିନଥିଲା । ତେବେ ଦୀର୍ଘ ଦିନ ପରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରା ଯାଇ ଥିଲା । ତେବେ ୬ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବ୍ଲକ ପକ୍ଷରୁ କୁହାଯାଇଛି । ପ୍ରକାଶ ଥାଉକି ୨୦୧୭ ପଂଚାୟତ ନିର୍ବାଚନ ପୂର୍ବରୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଦୋବଲ ପଂଚାୟତକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ମୁସ୍ତଫାପୁର ନୂଆ ପଂଚାୟତର ରୂପ ନେଇଥିଲା । ଅବଶିଷ୍ଟ ଅଂଚଳକୁ ନେଇ ଦୋବଲ ପଂଚାୟତ ରହିଥିଲା । ହେଲେ ୨୦୧୭ ପୂର୍ବରୁ ଦୋବଲ ପଂଚାୟତର କାର୍ଯ୍ୟାଳୟ ମୁସ୍ତଫାପୁର ଅଂଚଳରେ ଥିବା ହାଟ ପାଖରେ ଥିଲା । ମୁସ୍ତଫାପୁର ନୂଆ ପଂଚାୟତ ହେବାରୁ ଦୋବଲର ଏହି ପୁରୁଣା ପଂଚାୟତ କାର୍ଯ୍ୟାଳୟଟି ମୁସ୍ତଫାପୁର ପଂଚାୟତର କାର୍ଯ୍ୟାଳୟ ଭାବେ କାମ କରିଥିଲା । ସେପଟେ ଦୋବଲର ନିଜସ୍ୱ ପଂଚାୟତ ଅଫିସ ନଥିଲା । ସେବେ ଠାରୁ ଏଠାରେ ନୂଆ ପଂଚାୟତ ଅଫିସ ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲା । ଦୋବଲ ପଂଚାୟତରେ ନିଜସ୍ୱ ପଂଚାୟତ ଅଫିସ ନଥିବାରୁ ପଞ୍ଚାୟତର କୌଣସି ସରକାରୀ କାର୍ଯ୍ୟ ଠିକରେ ହୋଇ ପାରୁନଥିଲା । ସେଠାରେ ଥିବା କମ୍ୟୁନିଟି ସେଂଟର କୁ ଅସ୍ଥାୟୀ ଭାବେ ଅଫିସ କରାଯାଇଥିଲା । ତେବେ ଗୁରୁବାର ପଂଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ସୋଧ ସ୍ଥିତ କଲ୍ୟାଣ ମଣ୍ଡପକୁ ମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏହାସହ ୫ ଟି ପଂଚାୟତର ମହିଳା ମହାସଂଘ କାର୍ଯ୍ୟାଳୟ, ତିନିଟି ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା ।

ଭୋର ସାଢେ ୪ଟାରେ ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାକୁ ଉଠିଲା ମହାଦୀପ, ଲକ୍ଷାଧିକ ଭକ୍ତଙ୍କ ସମାଗମ, ଦୁର୍ଲଭ ସୁନାବେଶରେ ଦର୍ଶନ ଦେଲେ ମଣିବାବା

ଭଦ୍ରକ, ୨୭ ଫେବୃୟାରୀ (ହି.ସ.) - ପବିତ୍ର ଜାଗରଯାତ୍ରା ପାଇଁ ଭକ୍ତମୟ ହୋଇ ଉଠିଥିଲା ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର । ଭକ୍ତମାନଙ୍କର ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପୀଠ । ଜାଗରଯାତ୍ରା ଦିନ ରୀତିନୀତି ଅନୁଯାୟୀ ଭୋର ୪ଟାରେ ପହଡ ଖୋଲିବା ପରେ ମଙ୍ଗଳ ଆଳତି ଓ ସକାଳ ନୀତିକାନ୍ତି ସଂଧ୍ୟା ୬ଟା ସୁଧା ସରିବା ପରେ ପ୍ରଥମ, ଦ୍ୱିତୀୟ, ତୃତିୟ, ଚତୁର୍ଥ ଏପରି ଚାରି ପ୍ରହର ଘର୍ଷଣ, ରୁଦ୍ରାଭିଷେକ ଓ ଜଳାଭିଷେକ ନୀତି ରାତ୍ର ୧୨ଟାରେ ସମ୍ପନ୍ନ ହେବା ପରେ ରତ୍ନଭଣ୍ଡାର ଘରୁ ପ୍ରଶାସନିକ ଅଧିକାରୀ ଓ କନିକାରାଜାଙ୍କ ପ୍ରତିନିଧିଙ୍କ ଦ୍ୱାରା ସୁନା ଅଳଙ୍କାର ଅଣାଯିବା ପରେ ସେବାୟତଙ୍କ ଦ୍ୱାରା ସୁନାବେଶ କରାଯାଇଥିଲା । ରାତ୍ର ୧ଟା୩୦ରୁ ୩ଟା ଯାଏଁ ସୁନାବେଶକୁ ସର୍ବସାଧାରଣ ଦର୍ଶନ କରିବା ପରେ ରାତ୍ର ୩ଦ୩୦ରୁ ୪ଦ୩୦ମଧ୍ୟରେ ଷୋଡଶ ଉପଚାର ପୂଜାରେ ମହାଦୀପ ପ୍ରତିଷ୍ଠା ଓ ଅଗ୍ନି ସଂଯୋଗ କରାଯାଇ ୪ଦ୩୫ ଘଂଟାକିର୍ତ୍ତନ ସହ ଭକ୍ତମାନଙ୍କ ଗହଣରେ ମହାଦୀପକୁ ବେଢା ପରିକ୍ରମା କରାଯାଇ ବିଶ୍ୱକଲ୍ୟାଣ ଉଦ୍‌ଯେଶରେ ମହାଦୀପ ମନ୍ଦିରଚୂଡାକୁ ଉଠିଥିଲା । ଏଥିପାଇଁ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ଉଭୟ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି । ଗତ ମଙ୍ଗଳବାର ଠାରୁ ୩ଦିନ ଧରି ଭଦ୍ରକ ଜିଲାପାଳ ଦିଲିପ ରାଉତରାୟ, ଏସପି ମାଡକର ସନ୍ଦିପ ସମ୍ପଦ, ଉପଜିଲାପାଳ ତଥା ମନ୍ଦିରଟ୍ରଷ୍ଟି ସୌରଭ ଚକ୍ରବର୍ତୀ, ଏଏସିପି ହିମାଂଶୁ ଦ୍ୱିବେଦୀଙ୍କ ସହ ବହୁ ବରିଷ୍ଠ ଅଧିକାରୀ ପୀଠରେ ରହି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଉପରେ ନଜର ରଖିବା ସହ ମନ୍ଦିରରେ ରହି ନୀତିକାନ୍ତିର ସୁପରିଚାଳନା କରିଥିଲେ । ଚଳିତବର୍ଷ ଭକ୍ତମାନଙ୍କ ପାଇଁ ହୋଇଥିବା ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥାକୁ ଭକ୍ତମାନେ ସ୍ୱାଗତ କରିଥିଲେ । ଅନ୍ୟପଟେ ଜିଲା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନାକେନ୍ଦ୍ର ଖୋଲାଯାଇ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ପରିଚାଳନା କରାଯାଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା । ସେହିପରି ସତ୍ୟଶାଇ ସେବା ସଂଘଠନ ଓ ବାବାମଣି ଡିଗ୍ରୀ ମହାବିଦ୍‌ୟାଳୟର ଏନଏସଏସର ଛାତ୍ରଛାତ୍ରୀଙ୍କ ଦ୍ୱାରା ପୀଠରେ ୩ଦିନ ଧରି ସଫେଇ କାର୍ଯ୍ୟ କରାଯିବା ସହ ଆଗନ୍ତୁକ ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଥିଲେ ।

ଓଡିଶାରେ ଜବରଦଖଲ ଏକ ବଡ ସମସ୍ୟା ହୋଇ ଠିଆ ହୋଇଛି, ଆମକୁ ପୂର୍ବ ସରକାର ଏହାକୁ ଭେଟି ଦେଇଛି : ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ

ରାଉରକେଲା, ୨୮/୨ (ନି.ପ୍ର): ଓଡିଶାରେ ଜବରଦଖଲ ଏକ ବୃହତ ସମସ୍ୟା ହୋଇ ଠିଆ ହୋଇଛି । ଏଥିଲାଗି ଅନେକ ଉନ୍ନୟକ କାମ ଆଗକୁ ଯାଇପାରୁନାହିଁ । ବିଭିନ୍ନ ଅନୁଷ୍ଠାନ କରି ଅନୁଷ୍ଠାନ ନକରି ଏଭଳି ଜବର ଦଖଲ କରାଯାଇଛି, ଏଭଳି ବଡ ସମସ୍ୟାକୁ ପୂର୍ବ୨୪ ବର୍ଷର ସକାର ଆମକୁ ଭେଟୀରେ ଦେଇଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଆଜି ସାମ୍ବାଦିକମାନଙ୍କୁଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏନେଇ ଆଜି ମନ୍ତ୍ରୀଙ୍କୁ ହୋଇଥିବା ଏକ ପ୍ରଶ୍ନର ଉତର ଦେଇ ମନ୍ତ୍ରୀ କହିଛନ୍ତିଯେ, ଏ ସରକାର ଆସିବା ପରେ ଜବରଦଖଲକୁ ନେଇ କୌଣସି ବୁଝାମଣା କରାଜିବନି ତାହା ଠିକ ଅଛି, କିନ୍ତୁ ଭୁମୀହୀନ ଜଦି ଜବରଦଖଲରେ ଥାଏତା କଥା ସରକାର ବୁଝିବେ ଓ ତାକୁ ପଟାଜମି ପ୍ରଦାନ କରାଜିବ, କିନ୍ତୁ, ରାଜ୍ୟରେ ସରକାରୀ ଯାଗା ଜବରଦଖଲ ପରିମ୍ାଣ ଏତେଯେ ତାହାଆଖିପାଉନାହିଁ, ଏଥିଲାଗି ସରକାରଙ୍କର ଅନେକ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ, ରାଉରକେଲା ଇସ୍ପାତ କାରଖାନା ଜ୍ୱଳନ୍ତ ଉଦାହରଣ କଥା ସେ କହିଥିଲେ । ଆରଏସପିକୁ ସେ ସମୟରେ ରାଜ୍ୟ ସରକାର ୩୦ ହଜାର ଏକର ଜମି ଦେଇଥିଲେ , ସେଥିରୁ ପ୍ରାୟ ୭ରୁ ୮ ହଜାର ଏକର ଜମି ଜବରଦଖଲରେ ରହିଛି, ଏନେଇ ପୂର୍ବ ସରକାର କିଛି କଲେନାହିଁ କିମ୍ବା ଆରଏସପିର ସଂପ୍ରସାରଣ ହୋଇପାରିଲା ନାହିଁ, ତେବେ ଏହାର ସମାଧାନ ଲାଗି ଏକ ବଡ ଧରଣର କମିଟୀ କରାଯାଇଛି ସେ କମିଟୀ ମିଟିଂ ପୂର୍ବରୁ ତିନୋଟି ମୁଖ୍ୟ ବିଭାଗ ମିଟିଂ ସରିଛି ଆଗାମୀ ମିଟିଂରେ ତାର ସମାଧାନ ଲାଗି ରାସ୍ତା କରାଜିବ ବୋଲି ସେ କହିଥିଲେ । ଖାଲି ସରକାରୀ ଯାଗା କଣ, ନିର୍ଦ୍ଦିଷ୍ଟ ଭାବେ ସରକାରଙ୍କର ରାଜସ୍ୱ ବିଭାଗର ରାଉରକେଲା ଛେଣ୍ଡରେ ଥିବା ଏକ ମୁଲ୍ୟବାନ ଜମିକୁ ଏକ ବେନାମୀ ବିଦ୍ୟାଳୟ ନାମରେ ଜବରଦଖଲ କରାଯାଇଥିବାରୁ ସେଠାରେ ଅତି କଷ୍ଟରେ ମନ୍ତ୍ରୀଙ୍କ ବିଭାଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ହେଲା କିନ୍ତୁ, କାର୍ଯ୍ୟାଳୟର ପାଚେରୀ କାମ ହୋଇପାରୁନଥିବା କଥା ମନ୍ତ୍ରୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା ସେ ଏଣେତେଣେ ଚାହିଁଥିଲେ । ଏଭଳି ସମସ୍ୟାକୁ ପୂର୍ବର୨୪ ବର୍ଷର ସରକାର ତାଙ୍କ ସରକାରକୁ ଭେଟୀରେ ଦେଇଯାଇଛି, କିନ୍ତୁ ତଥାପି କାମ କରିବାକୁ ପଡିବ ତେଣୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁରହିଛି, ସମ୍ବଲପୁର ଜିଲ୍ଲାର ଅନେକ ଜ୍ୱଳନ୍ତ ଉଦାହରଣ ମନ୍ତ୍ରୀ ଦେଇଥିଲେ ।

ପାରା କ୍ରୀଡାବିତ୍‌ଙ୍କୁ ବ୍ୟାଟେରି ଚାଳିତ ସ୍କୁଟର ପ୍ରଦାନ

କେନ୍ଦ୍ରାପଡ଼ା, ୨୮/୨ (ନି.ପ୍ର):– କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଚଳନଶକ୍ତି ବାଧିତ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ପାରାକ୍ରୀଡାବିତ୍ ବଲରାମ ସ୍ୱାଇଁଙ୍କୁ ବ୍ୟାଟେରୀ ସ୍କୁଟି ପ୍ରଦାନ କରାଯାଇଛି । ପୁନର୍ବାସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଜୟର ମହାନ୍ତି ଏହାକୁ ପ୍ରଦାନ କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପଲି ପ୍ରିୟ ଦର୍ଶନି ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୌର ସଭ୍ୟା ରଶ୍ମିତା ସିଂ ପ୍ରମୁଖ ଯୋଗଦେଇ କେବଳ ସରକାରୀ ସ୍ତରରେ ଭିନ୍ନକ୍ଷମ ମାନଙ୍କୁ ସହାୟତାକୁ ସୀମିତ ନରଖି ସମାଜର ସବୁ ବର୍ଗ ଏ ଦିଗରେ ପ୍ରୟାସ କଲେ ସେମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇ ପାରିବେ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ଅଧୀନରେ ନୂତନ ଭାବେ ସରକାରୀ ବିଦ୍ୟାଳୟରେ ଯୋଗ ଦେଇଥିବା ଦୃଷ୍ଟିବାଧିତ ଶିକ୍ଷକ ଉତମ ସେଠୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପୁନର୍ବାସର ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଚନ୍ଦ୍ରମଣି ମଲିକ, ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ପ୍ରମୋଦ ସେଠୀ, ମନୋଜ ବିଶ୍ୱାଳ, ମିହିର ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଗରାପୁରରେ ରେଲ୍‌ୱେ ଟିକେଟ୍ କାଉଂଟର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୨୮/୨ (ନି.ପ୍ର): କେନ୍ଦ୍ରାପଡା ସହର ଉପକଣ୍ଠ ଗରାପୁରଠାରେ ରେଳବାଇର ନୂତନ ଟିକେଟ୍ କାଉଂଟର ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ମାନସ ରଞ୍ଜନ ପରିଡା, ରେଳବାଇର ଷ୍ଟେସନ ମାଷ୍ଟର କାହ୍ନୁଚରଣ ସେଠୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମ୍ୟାନେଜର ମନୋରଞ୍ଜନ ସେଠୀ, ସରପଂଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ଟିକେଟ କାଉଂଟର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ପଣ୍ଡା, ରଘୁନାଥ ଦାସ, ଆଇନଜୀବୀ ରାଧେଶ୍ୟାମ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ସଂରକ୍ଷିତ ଅଣସଂରକ୍ଷିତ ଓ ତତ୍କାଳ ଟିକେଟ୍ ସକାଳ ୮ଟାରୁ ରାତି ୧୦ଟା ଯାଏଁ ଉପଲବ୍ଧ ହେବ । ଏହାଦ୍ୱାରା ସ୍ଥାନୀୟ ଯାତ୍ରୀ ସହଜରେ ସେବା ପାଇପାରିବେ ବୋଲି କୁହାଯାଇଛି ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୨୮/୨ (ନି.ପ୍ର):– କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଏକ ଆତ୍ମସୁରକ୍ଷା ଶିବିର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅଭିଜିତ୍ ବୋଷ୍‌ଙ୍କ ପୌରହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅଧକ୍ଷ ଶ୍ରୀ ବୋଷ୍ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ନାରୀ ଶକ୍ତିଶାଳୀ, ସେ ମାନସିକ ସ୍ତରରେ ଶକ୍ତିଶାଳୀ, କେବଳ ନିଜ ଉପରେ ବିଶ୍ୱାସ ରଖି ଏବଂ ଆତ୍ମସୁରକ୍ଷାର କୌଶଳଗୁଡିକ ପ୍ରୟୋଗ କରି ଯେକୌଣସି ବିପଦର ମୁକାବିଲା କରିପାରିବ ବୋଲି ସେ ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ । ଉକ୍ତ ସଭାରେ ୟୁଜିସିର ସଂଯୋଜକ ପ୍ରାଧାପକ ଡ. ପ୍ରଭାକର ମଲ୍ଲିକ, ଗଣିତ ବିଭାଗର ମୁଖ୍ୟ ପ୍ରଫେସର ଅଶୋକ କୁମାର ଦାସ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସଂଯୁକ୍ତା ମିଶ୍ର ଯୋଗଦେଇ ଆତ୍ମସୁରକ୍ଷା ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟରେ ଆଲୋକପାତ କରିଥିଲେ । ଶିବିରର ସଂଯୋଜିକା କ୍ୟାପ୍‌ଟେନ୍ ସୀମା ମହାନ୍ତି ଶିବିର ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଏହି ଶିବିରଟି ଆଠଦିନ ଧରି ପରିଚାଳିତ ହେବ । ଏଥିରେ +୩ ପ୍ରଥମ ବର୍ଷର ସମସ୍ତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ଦେ

ଚକ୍ରାୟୁଧ ନୀଳଚକ୍ର...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଫଳରେ ତାଙ୍କର ସ୍କନ୍ଦ ଦେଶରୁ ଆଉ ଛଅଟି ଭୂଜ ଆବିର୍ଭୁତ ହେଲା । ସେହି ଅଷ୍ଟଭୂଜ ଭିତରୁ ଚାରି ହାତରେ ଚାରିଦ୍ୱାରର ଚାରି ଚକ୍ରକୁ ଧରି ଅନ୍ୟ ଦୁଇ ହସ୍ତରେ ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ଏବଂ ବାକି ଦୁଇହସ୍ତରେ ସମର୍ପଣ ଭାବ ଆଣି କରପତ୍ର ଯୋଡ଼ି ରତ୍ନ ସିଂହାସନ ନିକଟରେ ଉପସ୍ଥିତ ହେଲେ ।

ଭକ୍ତର ଅପମାନ ସହି ନପାରି ଭକ୍ତ ଶ୍ରେଷ୍ଠ ହନୁମାନଙ୍କୁ ହେଞ୍ଚାନ କରି ଅବରୋଧ କରିଥିବାରୁ ସୁଦର୍ଶନକୁ ସ୍ତମ୍ଭାକାର ହୋଇ ତାଙ୍କ ବାମପାର୍ଶ୍ୱରେ ରହିବାକୁ ଅଭିଷାପ ଦେଲେ । ତାହା ହିଁ ହେଲା । ସେହି ଦିନରୁ ସୁଦର୍ଶନ ଚକ୍ର ଶ୍ରୀଜଗନ୍ନାଥଙ୍କ ନିକଟରେ ରହିଅଛି । ଦାସ୍ୟଭକ୍ତ ହନୁମାନଙ୍କୁ ଆଶୀର୍ବଦ କରି ଉତ୍ତର ଦ୍ୱାରର କୋଇଲି ବୈକୁଣ୍ଠ ନିକଟରେ ଚାରିଚକ୍ର ହନୁମାନ ଏବଂ ଅଷ୍ଟଭୂଜ ହନୁମାନ ରୂପେ ପୂଜିତ ହେଉଛନ୍ତି । ମନ୍ଦିରର ଚୂଡ଼ାରେ ଥିବା ନୀଳଚକ୍ରକୁ ଦର୍ଶନ କଲେ ମୁକ୍ତି ମୋକ୍ଷ ପ୍ରାପ୍ତି ହୋଇଥାଏ ।

ଶ୍ରୀମନ୍ଦିରର ଶୀର୍ଷ ଦେଶରେ ପ୍ରତିଷ୍ଠିତ ଏହି ଦେବାୟୁଧ ନୀଳଚକ୍ର ସଂସାରର ଦୁଃଖହାରକ ଓ ମୋକ୍ଷ ଦାୟକ ଅଟେ । ଏହାର ଧ୍ୱଜ ଦଣ୍ଡରେ ସାର୍ବଜନୀନ ସର୍ବସମ୍ପ୍ରଦାୟ ସମର୍ଥିତ ଶ୍ରୀଜଗନ୍ନାଥଙ୍କର ଧ୍ୱଜା ଯାହା ପତିତପାବନ ନାମରେ ଖ୍ୟାତ । ସେହି ଚକ୍ରର ଅର୍ନ୍ତଦେଶରୁ ସ୍ୱୟଂ ଜଗନ୍ନାଥ ଆବିର୍ଭୁତ ହୋଇ ଭକ୍ତର ଅଭିଷ୍ଟ ପୂରଣ କରିଥାଆନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ବେଢ଼ାପରିକ୍ରମା ସାରି ଅମୁହାଁ ମନ୍ଦିରକୁ ସ୍ପର୍ଶପୂର୍ବକ ଶ୍ରୀମନ୍ଦିରର ଚୂଡ଼ା ଦେଶରେ ପତିତପାବନ ଧ୍ୱଜା ସହ ନୀଳଚକ୍ରକୁ ଦର୍ଶନ କଲେ ମୁକ୍ତିମୋକ୍ଷ୍ୟ ପ୍ରାପ୍ତି ହୋଇଥାଏ । ଭକ୍ତର ଅଭିଷ୍ଟ ପୂରଣ ହୋଇଥାଏ। ତେଣୁ ଆମ ସଂସ୍କୃତିରେ, ଆମ ପରଂପରାରେ ନୀଳଚକ୍ରର ମହନିୟତା ସ୍ୱତନ୍ତ୍ର ।

+ ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ଭଦ୍ରକ, ଓଡ଼ିଶା, ମୋ-୮୭୬୩୫୪୮୨୦୨

ମେଗା ଜଳଯୋଗାଣ ପ୍ରକଳ୍ପ ଅଧିକାରୀଙ୍କୁ ଆକ୍ରମଣ ଥାନାରେ ମାମଲା

ନୀଳଗିରି,୨୮/୨(ନି.ପ୍ର) :ନୀଳଗିରି ଥାନା ଅଧୀନ ନରସିଂହପୁର ଗ୍ରାମରେ ମେଗା ଜଳଯୋଗାଣ ପ୍ରକଳ୍ପ ଅଧୀନରେ ପାଣି ପାଇପ ବିଛାଯିବା ପାଇଁ ଖନନ କାର୍ଯ୍ୟ ଜାରିରହିଥିବା ବେଳେ ବୁଧବାର ଉକ୍ତ ଗ୍ରାମର ରାଜା ପଣ୍ଡା ନାମକ ଯୁବକ ଏବଂ ତାଙ୍କର ସହଯୋଗୀ କାର୍ଯ୍ୟରେ ଅନିୟମିତତା ଦର୍ଶାଇ ସ୍ପଷ୍ଟ ଦିବାଲୋକରେ ରାଜକିଶୋର ବିଶ୍ୱାଳ ନାମକ ଜଣେ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ।ଯାହାକୁ ନେଇ ରାଜକିଶୋର ପ୍ରଥମେ ଅଯୋଧ୍ୟା ଫାଣ୍ଡିର ଦ୍ୱାରସ୍ଥ ହେବାପରେ ନୀଳଗିରି ଥାନାରେ ଏକ ଅଭିଯୋଗ କରିଥିଲେ। ନୀଳଗିରି ପୋଲିସ ୭୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

ଖଇରା,୨୮।୨ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପରିଚାଳକ ଦିଲ୍ଲିପ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଛି । ମୁଖ୍ୟଅତିଥି ଭାବେ ଖଇରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ବେହେରା ଯୋଗଦେଇ ସମାଜ କଲ୍ୟାଣରେ ବିଜ୍ଞାନର ଅବଦାନ ଉପରେ ଆଲୋକପାତ କରିଥିଲେ । ପରିଚାଳନା କମିଟି ସଭ୍ୟ ଅନୁକୂଳ ଚନ୍ଦ୍ର ଗିରି,ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଅଭିଭାବକଙ୍କୁ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକୁ ଦେଖାଇଥିଲେ । ମୋଟ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେଥିମଧ୍ୟରୁ ନିଉଟନଙ୍କ ପେଣ୍ଡୁଲମ,ବାୟୁ ପ୍ରଦୂଷଣ,ଚୁମ୍ବକୀୟ ଶକ୍ତିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ,ଆବର୍ଜନାରୁ ବିଦ୍ୟୁତ ଉତ୍ପାଦନ ଇତ୍ୟାଦି ବିଷୟ ଉପରେ ପ୍ରସ୍ତୁତ ପ୍ରକଳ୍ପ ଗୁଡିକୁ ପୁରସ୍କୃତ କରାଯାଇଥିଲା । ବିଜ୍ଞାନ ଶିକ୍ଷକ ଷ୍ଟାଲିନ ରାଉତ,ପିୟୁସ ରାଉତ,ପୂର୍ଣଚନ୍ଦ୍ର ସାହୁ,ଭରତ ଲେଙ୍କା ଗୁରୁମା ଦୀପାଞ୍ଜଳୀ ବେହେରା,ସାବିତ୍ରୀ ପଣ୍ଡା,ଉଲ୍ଲାସୀନୀ ମହାନ୍ତି,ବନ୍ଦନା ପ୍ରଧାନ,ପୁଷ୍ପାଞ୍ଜଳୀ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

ସମନ୍ୱିତ ବି.ଇଡି. ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

ବାରିପଦା,୨୮/୨(ନି.ପ୍ର) : ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନ ଓ ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଦୂର୍ଗା ଚରଣ ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଗୁହାଳଡିହା ଗ୍ରାମ ସ୍ଥିତ ଅନ୍ତ୍ୟୋଦୟ ଚେତନା ମଣ୍ଡଳ ପରିସରରେ ସମନ୍ୱିତ ବି.ଇଡି. ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଅଛି. ଉକ୍ତ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଚେତନା ମଣ୍ଡଳର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ଭାଦବ ହେମ୍ବ୍ରମ ସଭାପତିତ୍ୱ କରିଥିଲେ. ଅଧ୍ୟାପକ ଚନ୍ଦ୍ରଶେଖର ଭୋଇ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ. ବିଭାଗର ପ୍ରାୟ ୯୬ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନ୍ଧବିଶ୍ୱାସ, ନାରୀ ଶିକ୍ଷା, ପରିବେଶ ସୁରକ୍ଷା ଓ ଲିଙ୍ଗଗତ ପ୍ରଭେଦ ଓ ଏହାର ସମସ୍ୟାକୁ ନେଇ ଚାରୋଟି ନାଟକ ପରିବେଷଣ କରା ଯାଇଥିଲା. ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ. ଅନ୍ୟ ମାନଙ୍କ ମଧ୍ୟରେ କୃଷ୍ଣା ସିଂ, ଡ଼ଃ ବିଶ୍ୱଭୂଷଣ ଭୂୟାଁ, କିନୁ ବେହେରା ଓ ମିନତୀ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିବା ବେଳେ, ଶେଷରେ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ରାସାୟନିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ରାଜ୍ୟସ୍ତରୀୟ ମକ୍ ଡ୍ରିଲ ଅନୁଷ୍ଠିତ

ପାରାଦୀପ,୨୮/୨(ନି.ପ୍ର) : ଆଜି ଜଗତସିଂହପୁର ଜିଲ୍ଲାର ପାରାଦୀପ ଠାରେ ରାଜ୍ୟ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ବିପର୍ଯ୍ୟୟ ର ପ୍ରସ୍ତୁତି ନିମନ୍ତେ ଏକ ମକ୍ ଡ୍ରିଲ ଅନୁଷ୍ଠିତ ହୋଇ ଯାଇଛି । ପାରାଦୀପ ସ୍ଥିତ ପି ପି ଏଲ ଓ ଇଫ କୋ ଶିଳ୍ପାନୁଷ୍ଠାନ ଏହି ମକ୍ ଡ୍ରିଲରେ ଭାଗ ନେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ପି ପି ଏଲ ରେ, ଏବଂ କୁଜଙ୍ଗ ତହସିଲଦାର ଶ୍ରୀ ସ୍ୱରୂପ ନନ୍ଦନ ବେହେରା ଇଫକୋ ଠାରେ ଉପସ୍ଥିତ ରହି ଏହି ରାସାୟନିକ ମକ୍ ଡ୍ରିଲ କୁ ସୂଚାରୁ ରୁପେ ସଂପାଦନ କରିବା ପାଇଁ ଦିଗଦର୍ଶନ ଦେଇଥିଲେ । ଟେକନିକାଲ୍ ଅବଜରଭର୍ ଭାବେ ପି ପି ଏଲ ଠାରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ର ଉପ ନିର୍ଦ୍ଦେଶକ, କଟକ ଡ଼ିଭିଜନ ଶ୍ରୀ ମନୋଜ ପଣ୍ଡା ଓ ଇଫକୋ ରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ର ସହକାରୀ ନିର୍ଦ୍ଦେଶକ ଶ୍ରୀ ଚନ୍ଦ୍ର ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ କଳାକୌଶଳ ପ୍ରଦର୍ଶିତ ହୋଇଥିଲା । ପ୍ରଥମେ ଏହି ୨ ଟି ଶିଳ୍ପ ଅନୁଷ୍ଠାନ ମଧ୍ୟରୁ ଇଫକୋ ରେ ବିଷାକ୍ତ ଆମୋନିଆ ଲିକ୍ ଏବଂ ପି ପି ଏଲ ରେ ସଲ ଫ୍ୟୁରିକ୍ ଏସିଡ ଜନିତ ଅଗ୍ନି ସଂଯୋଗ ର କୃତ୍ରିମ ବିପର୍ଯ୍ୟୟ ନେଇ ସାଇରନ୍ ବାଜିଥିଲା ।ସମ୍ଭାବ୍ୟ ବିପର୍ଯ୍ୟୟ ବିଷୟରେ ପ୍ଲାଣ୍ଟ ଭିତରେ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡ଼ିକ ରେ ସତର୍କ ସୁଚନା ଦିଆଯିବା ସହ ପ୍ରଭାବିତ ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ଏଥିପାଇଁ ପି ପି ଏଲ ର ପ୍ରଭାବିତଙ୍କୁ ପି ପି ଏଲ ଟାଉନ ଶିପ ଏବଂ ଇଫକୋ ର ପ୍ରଭାବିତ ଙ୍କୁ ଇଫକୋ ଟାଉନ ସିପର ସ୍ୱର୍ଣ୍ଣ ଜୟନ୍ତୀ ସଭାଘର କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ପ୍ରଭାବିତ ଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା । ଗ୍ୟାସ୍ ଲିକ୍ ସ୍ଥାନ ଗୁଡିକରେ ଲିକ୍ ମରାମତି ଏବଂ ସଲ ଫ୍ୟୁରିକ ଏସିଡ ଜନିତ ଅଗ୍ନି କୁ ପାଣି ସ୍ପ୍ରେ ଦ୍ୱାରା ନିର୍ବାପନ ର କଳା କୌଶଳ ପ୍ରଦର୍ଶନ ହୋଇଥିଲା । ରକ୍ଷାକାରୀ ମାନେ ଗ୍ୟାସ୍ ଟାଇଟ୍ ପୋଷାକ ପରିଧାନ କରି ଉଦ୍ଧାର କାର୍ଯ୍ୟ ର କୌଶଳ ଦେଖାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ସୁଶ୍ରୀ ଅନିଶା ଦାସ ଓ ଡି ପି ଓ ସୁଧାଂଶୁ ପୁଷ୍ଟି ଙ୍କ ପକ୍ଷରୁ କଣ୍ଟ୍ରୋଲ ରୁମ୍, ଶ୍ୱାସବଶରୟ ମରଭଶ୍ୱାସ୍ତର, ରିଲିଫ୍ ସେଣ୍ଟର୍, ପ୍ରଦୂଷଣ ସ୍ଥାନ, ହଳଦିଆ ସବୁଜ ଜୋନ ଓ ରେଡ୍ ଜୋନ ସମ୍ପର୍କ ରେ ଜନସାଧାରଣଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରଯାଇଥିଲା । ମକ୍ ଡ୍ରିଲ ଶେଷ ହେବା ପରେ ସମସ୍ତ ଅଧିକାରୀ ରିଲିଫ୍ ସେଣ୍ଟର୍ ଯାଇ ପ୍ରଭାବିତ ମାନଙ୍କ ଅବସ୍ଥା ସଂପର୍କରେ ଅନୁଧ୍ୟାନ କରିଥିଲେ ।ଏହି ରାସାୟନିକ ମକ୍ ଡ୍ରିଲ ଏକ୍ସରସାଇଜ୍ ରେ ଏନ୍ ଡି ଆର ଏଫ,ଓଡ୍ରାଫ୍, ଅଗ୍ନିଶମ ବିଭାଗ, ପ୍ରମୁଖ ଭାଗ ନେଇଥିଲେ । ବର୍ତ୍ତମାନ ଦ୍ରୁତ ଶିଳ୍ପାୟନ ଯୁଗରେ ଆକସ୍ମିକ ଭାବେ ଘଟୁଥିବା ଏହିପରି ଦୁର୍ଘଟଣା ସମୟରେ ଭୟଭୀତ ନ ହୋଇ ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ସଂପୃକ୍ତ ଅଧିକାରୀ ମାନେ ଉପସ୍ଥିତ ଜନସାଧାରଣଙ୍କୁ ଉପଦେଶ ଦେଇଥିଲେ ।

ଏସ୍. ଇ. ରେଳବାଇ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ର ମହାପ୍ରବନ୍ଧକ (ଇଞ୍ଜିନିୟରିଂ) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କ୍ରମ ସଂଖ୍ୟା, ଟେଣ୍ଡର ନମ୍ବର ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନଲିଖିତ: ୧. ବିଆର-ଏଚକ୍ୟୁ-କେଜିପି- ୨୪-୨୫-୩୧ । (୧) ଖଡ଼୍‌ଗପୁର ଡିଭିଜନର **AXEN/BRL/KGP** ଅଧୀନରେ ଡ୍ରଗ୍ ନମ୍ବର **RDSO/B-11040** ଅନୁଯାୟୀ ସମ୍ପୂର୍ଣ୍ଣ ହୋଇଥିବା ବିୟରିଂ ଏବଂ ବେଡ୍ ଗ୍ରୁଟ୍ ସହିତ ଜଉଝଡ ମାନକ ୨୦.୪ ମିଟର ପ୍ରତିବନ୍ଧିତ ଉଚ୍ଚତା ଗାର୍ଡରଗୁଡ଼ିକର ନିର୍ମାଣ ଏବଂ ଯୋଗାଣ । (୨) ବିଭିନ୍ନ ଷ୍ଟିଲ୍ ଗାର୍ଡର ସେତୁ ଯଥା, ୬ ଟି ଧାତୁକରଣ । ଖଡ଼୍‌ଗପୁର ଡିଭିଜନର **AXEN/BRL/KGP** କ୍ଷେତ୍ର ଅଧୀନରେ **SSE/BR/KIG** ସେକ୍ସନରେ ସେତୁ, **SS/BR/KGP-I** ସେକ୍ସନରେ ୧୫ ଟି ସେତୁ ଏବଂ **SSE/BR/KGP-II** ସେକ୍ସନରେ ୦୧ ଟି ସେତୁ । ଟେଣ୍ଡର ମୂଲ୍ୟ: ୧୦,୦୧,୬୫,୩୮୯.୮୧ । ଆୟ ଟଙ୍କା: ୬,୫୦,୮୦୦/-। ୨. **BR-HQ-KGP-24-25-32**। ଖଡ଼୍‌ଗପୁର ଡିଭିଜନର **AXEN/BRL/KGP** ଅଧୀନରେ **SSE/Bridge/KGP-I** ଏବଂ **336UP(6X12.2 mG)** କ୍ଷେତ୍ରାଧିକାରରେ (i) ସେତୁ ନମ୍ବର **26SL (11X45.6 mG)** ଏବଂ **154SL (3X30.5mG)** ଏବଂ ଖଡ଼୍‌ଗପୁର-ଟାଟାନଗର ସେକ୍ସନର ସେତୁ ନମ୍ବର **69UP (4X18.3mG)** ଉପରେ ପାର୍ଶ୍ୱ ପଥ । (ii) **SSE/Bridge/KGP-I** ର ଅଧିକାର କ୍ଷେତ୍ରରେ ଖଡ଼୍‌ଗପୁର-ଟାଟାନଗର ସେକ୍ସନର ସେକ୍ସନ ନମ୍ବର **53UP (10X30.5 mG)**, ତୃତୀୟ ଲାଇନ **{53 (10X30.5 mG), 56 (1x30.5 mG), 66 (1x 30.5 mG), 69 (4x18.3mG)** ଏବଂ **94 (2x18.3mG)}** ଏବଂ ତାମଲୁକ-ହଳଦିଆ ସେକ୍ସନରେ **SSE/Bridge/KGP-I** ର ଅଧିକାର କ୍ଷେତ୍ରରେ **69DN (2X18.3 mG+1x24.4mG)** ଏବଂ **69UP (2x18.3mG+1x24.4mG)** ଏବଂ **SSE/BR/KGP-I** ର ଅଧିକାର କ୍ଷେତ୍ରରେ ଖଡ଼୍‌ଗପୁର-ଟାଟାନଗର ସେକ୍ସନର ସେକ୍ସନ ନମ୍ବର **53UP (10x30.5 mG)** ର ଉପର କର୍ଡ କାମକୁ ସୁଦୃଢ଼ କରିବା । ଖଡ଼୍‌ଗପୁର ଡିଭିଜନର **AXEN / BRL / KGP** ଅଧୀନରେ **II** । ଟେଣ୍ଡର ମୂଲ୍ୟ: ୧୧,୭୬,୬୦,୩୯୯.୬୪ ଟେଣ୍ଡର ମୂଲ୍ୟ: ଆୟ ଟଙ୍କା: ଡକ୍ୟୁମେଣ୍ଟ ମୂଲ୍ୟ: ୧୧,୭୬,୬୦, ୩୯୯.୬୪ । ୭,୩୮,୩୦୦/-। ପ୍ରତ୍ୟେକ ପାଇଁ ଟେଣ୍ଡର ନାହିଁ । ଟେଣ୍ଡର ଶେଷ ତାରିଖ ଏବଂ ସମୟ: ୨୭.୦୩.୨୦୨୫, ପ୍ରତ୍ୟେକ ପାଇଁ ୧୧:୩୦ ଘଣ୍ଟା । ସମାପ୍ତିର ଅବଧି: ପ୍ରତ୍ୟେକ ପାଇଁ ୧୮ ମାସ । ଆଗ୍ରହୀ ଟେଣ୍ଡରଧାରକମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍ରକାରୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ । **(PR-1193)**

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ପଞ୍ଚଭୂତରେ ବିଲୀନ ହେଲା...

ଅନ୍ତିମ ସଂସ୍କାର ପୂର୍ବରୁ ପାର୍ଥିବ ଶରୀରକୁ ଜଗନ୍ନାଥ ବିହାର ବାସଭବନରୁ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା । ଉତ୍ତମଙ୍କ ବିୟୋଗରେ ଓଲିଉଡ୍ ତଥା ସାରା ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି । ରାଜ୍ୟର ବିଭିନ୍ନ ଗଣ୍ୟମାନ୍ୟ ଲୋକ ମାନେ ଶୋକ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ଆଜି ପୂର୍ବାହ୍ଣରେ ତାଙ୍କର ମରଶରୀର ଦିଲ୍ଲୀରୁ ବାହାରୁ ଦିନ ପ୍ରାୟ ୧୧ଟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚି ଥିଲା । ବିମାନବନ୍ଦରରୁ ମରଶରୀରକୁ ତାଙ୍କର ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା । ସେଠାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାରମାନେ, ପରିବାର, ଆତ୍ମୀୟସଜ୍ଜନ, ପ୍ରଶଂସକ ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଲୋକପ୍ରିୟ ଚଳଚ୍ଚିତ୍ର ତାରକା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା...

ଏକାବେଳେ ସେମାନେ ଦୁଇଟି ସୁଭଦ୍ରା କିସ୍ତି ଅର୍ଥାତ ୧୦ ହଜାର ଟଙ୍କା ପାଇବେ । ଯାହାକି ମାର୍ଚ୍ଚ ୮ ତାରିଖରେ ମିଳିବାକୁ ଯାଉଛି । ଯିଏ ଆଦେ ? ଆବେଦନ କରିନାହାଁନ୍ତି ସେମାନେ ଯଦି ଏବେ ବି ଆବେଦନ କରନ୍ତି ତେବେ ମାର୍ଚ୍ଚ ୮ ତାରିଖରେ ଦୁଇଟି କିସ୍ତି ଟଙ୍କା ଅର୍ଥାତ ୧୦ ହଜାର ଟଙ୍କା ପାଇବେ । ସେହିଭଳି ଯେଉଁମାନେ ପ୍ରଥମ କିସ୍ତି ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ପାଇବେ , ଏଥିସହ ସେପ୍ଟମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିଲା ଏହି ଯୋଜନା , ସୁଚତ ଚିପି ସୁଭଦ୍ରା ଯୋଜନା ର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ହିତାଧିକାରୀଙ୍କ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଭାବେ ୫ ହଜାର ଟଙ୍କା ଆକାଉଣ୍ଟକୁ ଦିଆଯାଇଥିଲା । ଏପରିକି ପ୍ରଧାନମନ୍ତ୍ରୀ ମୋଦି ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝି, ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂ ଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ମନ୍ତ୍ରୀ, ଭାଜପା ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନା ର ଶୁଭାରମ୍ଭ କରିଥିଲେ । ହିତାଧିକାରୀଙ୍କୁ କେହି ଭ୍ରମିତ କଲେ କିମ୍ବା ହଇରାଣ କଲେ ହେଲ୍ପ ଲାଇନ ନମ୍ବର ୧୪୬୭୮ ରେ ଅଭିଯୋଗ କରିବାକୁ ମଧ୍ୟ କୁହାଯାଇଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ କହିଛନ୍ତି । । ସୁଭଦ୍ରା ଯୋଜନା ଆବେଦନର କୌଣସି ଶେଷ ତାରିଖ ନାହିଁ ବୋଲି ଜାରି ମଧ୍ୟ କରାଯାଇଥିଲା ।

ଉତ୍ତରାଖଣ୍ଡରେ ବର୍ଷା ଓ ବରଫପାତ...

ଉତରାଖଣ୍ଡର ଚାରି ଧାମ- ଯମୁନୋତ

ଶନିବାର, ମାର୍ଚ୍ଚ ୦୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନଦିବସ ୨୦୨୫ ପାଳିତ

ନୀଳଗିରି,୨୮/୨(ନି.ପ୍ର) : ସନ୍ତରାଗଡ଼ିଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଜ୍ଞାନଦିବସ ପାଳିତ ହୋଇଯାଇଛି ।ଉକ୍ତ ଉତ୍ସବରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କମଳ ଲୋଚନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଯୁଧିଷ୍ଠିର ନନ୍ଦ ଉପସ୍ଥିତ ଥିଲେ ।ମୁଖ୍ୟଅତିଥି ଭାବେ ପ୍ରତିଷ୍ଠିତ ପଦାର୍ଥବିଜ୍ଞାନୀ ଡକ୍ଟର ଶ୍ରୀନିବାସ ସିଂ ପ୍ରକୃତି ଆମ ଚତୁର୍ପାର୍ଶ୍ୱରେ ସକାଳ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ବିଜ୍ଞାନ ଭରି ରହିଛି ଏବଂ ବିଜ୍ଞାନ ବିନା ବଞ୍ଚିବା ଅସମ୍ଭବ ।ତେଣୁ ବିଜ୍ଞାନ ପ୍ରତି ପିଲାମାନଙ୍କ ମନରେ ଜିଜ୍ଞାସା ରହିବା ଉଚିତ ବୋଲି ଉଦବୋଧନ ଦେଇଥିବା ବେଳେ ମୁଖ୍ୟ ବକ୍ତା ବୈଜ୍ଞାନିକ. ମଧୁସ୍ମିତା ସିଂ ଖାଲି ସମୟରେ ପିଲାମାନେ ମନକୁ ଜିଜ୍ଞାସା ଯୁକ୍ତ କଲେ ବିଜ୍ଞାନର ଅଗ୍ରଗତି ହୋଇପାରିବ ବୋଲି ଉଦବୋଧନ ଦେଇଥିଲେ । ଛୋଟବେଳୁ ବିଜ୍ଞାନପ୍ରତି ଆଗ୍ରହ ମନୋଭାବ ରଖିବାକୁ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଏବଂ ଗୁରୁଜୀ ଗୁରୁମାଙ୍କ ସମେତ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ ।

ନରସିଂହପୁର ସୋସାଇଟକୁ ଧାନକିଣା ଟାଗେର୍ଟ୍ ବଢେଇବା ପାଇଁ ଚାଷୀଙ୍କ ଦାବି

କେନ୍ଦ୍ରାପଡା, ୨୮/୨(ନି.ପ୍ର) : କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ବ୍ଲକ ଅଧିନ ନରସିଂହପୁର କୃଷି ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଚାଷୀ ନେତା ନୀର ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଧାନକ୍ରୟ ଲକ୍ଷ୍ୟ ବଢାଇବା ପାଇଁ ଦାବି କରିଛନ୍ତି । ଏହି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀ ମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ପ୍ରାୟ ଶତାଧିକ ଚାଷୀ ଧାନ ବିକ୍ରୟର ସୁଯୋଗ ପାଇପାରି ନାହାଁନ୍ତି । ମଣ୍ଡିକୁ ଅଧିକ ୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ କ୍ଷମତା ପ୍ରଦାନ କରିବାକୁ ଜିଲ୍ଲପାଳ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ନେଇ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଚାଷୀ ଅଜୟ କୁମାର ଦାସ, ଚକ୍ରଧର ଦାସ, ସତ୍ୟବାନ ବାରିକ, ଶିବ ପ୍ରସାଦ ଦାସ, କୁଞ୍ଜ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଦୁର୍ଦ୍ଦାନ୍ତ ଚୋର ଗ୍ୟାଙ୍ଗକୁ ଧରିଲା ଭଂଜପୁର ପୋଲିସ

ବାଇକ, ନଗଦ ଟଙ୍କା, ଲ୍ୟାପଟପ ସହ ସୁନା ଅଳଙ୍କାର ଜବଦ

ବାରିପଦା,୨୮/୨(ନି.ପ୍ର) : ବାରିପଦା ସହର ରେ ଚୋରି ଛୀନତାଇ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ତାଲାବନ୍ଦ ଘରୁ ନିୟମିତ ଚୋରି କରି ବାରିପଦା ସହରରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଦାନ୍ତ ଚୋର ଗ୍ୟାଙ୍ଗକୁ ଧରିବାରେ ଭଞ୍ଜପୁର ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି. ଚୋର ଗ୍ୟାଙ୍ଗର ୮ଜଣ ସଦସ୍ୟକୁ ଗିରଫ କରିବା ସହ ସୁନା ଅଳଙ୍କାର, ବାଇକ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ଏନେଇ ଭଞ୍ଜପୁର ଥାନାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ସବିଶେଷ ସୂଚନା ପ୍ରଦାନ କରିଛନ୍ତି. ଗିରଫ ଅଭିଯୁକ୍ତ ମାନେ ଭଞ୍ଜପୁର ଥାନା ଅନ୍ତର୍ଗତ ବଢ଼େଇସାହି ଅଞ୍ଚଳର ରାଜକିଶୋର ବାରିକ(୨୦), ରାହୁଲ ଦିଗାର(୨୦), ମନୋଜ କୁମାର ବେହେରା (୨୦), ଯମୁନାଦେଇପୁର ଅଞ୍ଚଳର ଅସ୍ମିତ ପାତ୍ର(୨୦), ଶରତ ଚନ୍ଦ୍ର ପାତ୍ର(୫୦), ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ସୋମନାଥ ପାଳ(୨୫), ଲାଲ ବଜାର ଅଞ୍ଚଳର ବବୁଲୁ ଅଧିକାରୀ(୩୮) ଓ ବଡ଼ସାହି ଥାନା ଅନ୍ତର୍ଗତ ଖାନୂଆ ଅଞ୍ଚଳର ଶିବ ବେହେରା(୨୫) ବୋଲି ଜଣାଯାଇଛି । ଉକ୍ତ ଚୋର ଗ୍ୟାଙ୍ଗ ବାରିପଦା ସହରର ବିଭିନ୍ନ ସ୍ଥାନରେ ତାଲା ବନ୍ଦ ଘରୁ ନିୟମିତ ଚୋରି କରୁଥିଲେ । ଯାହାକୁ ନେଇ କିଛି ଦିନ ହେବ ସହରରେ ଆତଙ୍କ ଖେଳି ଯାଇଥିଲା । ଗ୍ୟାଙ୍ଗ ସଦସ୍ୟ ମାନେ ଲୋକଙ୍କ ଅନୁପସ୍ଥିତ ଥିବା ସୁଯୋଗ ନେଇ ତାଲା ବନ୍ଦ ଘରକୁ ଚିହ୍ନଟ କରୁଥିଲେ । ଏହାପରେ ଯୋଜନା ମୁତାବକ ଉକ୍ତ ଘରେ ରାତିରେ ପଶି କଳା କନା ବୁଲାଉଥିଲେ । ଗତ ତା ୧୩/୨/୨୫ ରିଖ ବାରିପଦା ରଘୁନାଥ ପୁର ଅଞ୍ଚଳର ବିକାଶ ପାତ୍ରଙ୍କ ଏତେଲା ମୁତାବକ ଭଂଜପୁର ପୋଲିସ ଘଟଣାର ତଦନ୍ତ କରୁଥିଲା । ସିସି ଟିଭି ଫୁଟେଜ ଆଧାରରେ ତଥ୍ୟ ଯୋଗାଡ଼ କରି ଭଂଜପୁର ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଏହି ଚୋର ଗ୍ୟାଙ୍ଗକୁ ଧରିବା ପାଇଁ ଜାଲ ବିଛାଇଥିଲେ । ପୋଲିସ ଏମାନଙ୍କ ଠାରୁ ୨ଟି ବାଇକ, ୪୦,୦୦୦ ନଗଦ ଟଙ୍କା, ଲ୍ୟାପଟପ, ଏଲସିଡ଼ି, ୧୨ଟି ମୋବାଇଲ ଫୋନ, ଇନଭେଟର, ୫୩ ଗ୍ରାମର ତରଳା ଯାଇଥିବା ସୁନା, ୪୩ଗ୍ରାମ ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାଏତ କହିଛନ୍ତି । ଏହି ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ଭଂଜପୁର ଥାନାରେ ୧୦ଟି ମାମଲା ରହିଥିବାର ଜଣାଯାଇଛି ।

ବ୍ଲକସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର



ବେତନଟୀ,୨୮/୨(ନି.ପ୍ର) : ବେତନଟୀ ବ୍ଲକ ସଭାଗୃହରେ ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ଗଠନ ସମ୍ପର୍କିତ ବ୍ଲକସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି । ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ସୁଶାନ୍ତ କୁମାର ସୁତାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଳ ଅଧିକାରୀ ଭାବେ ହିମାଂଶୁ ଶେଖର ମହାନ୍ତ, ଓଡିଶା ଜୀବିକା ମିଶନର ବେତନଟୀ ବ୍ଲକ ସଂଯୋଜିକା ଡ଼. ସୁଶ୍ରୀ ମଧୁଛନ୍ଦା ବେହେରା ପ୍ରମୁଖ ମଧ୍ୟ ଅଧିକାରୀଗଣ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ କିଭଳି ଗଠନ କରାଯାଇପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଲ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ବେତନଟୀବ୍ଲକ ଅଧୀନ ୨୪ଗୋଟି ପଞ୍ଚାୟତରୁ ସରପଞ୍ଚ ସମିତି ସଭ୍ୟ ସମିତି ସଭ୍ୟାଙ୍କ ସମେତ ମିଶନ ଶକ୍ତି ପକ୍ଷରୁ ଏମବିକେ, ସିଆରପି, ମୋବିଲାଇଜର ଏବଂ ଏସଇଏମ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସଫଳ ସମାପନ ପରେ ଜ୍ୟୋତିପ୍ରକାଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ନୀଳଗିରି ମେଡିକାଲରେ ସ୍ୱାସ୍ଥ୍ୟବସ୍ଥା ବିପର୍ଯ୍ୟସ୍ତ ପ୍ରସଙ୍ଗ: ଆସନ୍ତା ୩ରେ ଗଣଧାରଣା

ନୀଳଗିରି,୨୮/୨(ନି.ପ୍ର) : ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ପ୍ରତ୍ୟେକ ଦିନ ଉପଖଣ୍ଡ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରୁ ଶହଶହ ରୋଗୀ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭରକରି ଚିକିତ୍ସା ପାଇଁ ଆସିଥାନ୍ତି । ମାତ୍ର ନାହିଁନାହିଁରେ ଚାଲିଛି ଉକ୍ତ ହସ୍ପିଟାଲ୍ । ଏସବୁର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ନୀଳଗିରି ଯୁବସମାଜ ସଂଗଠନ । ଗତ ୨୪ତାରିଖ ଏନେଇ ମୁଖ୍ୟମନ୍ତ୍ରୀ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରେ ଦାବୀପତ୍ର ପ୍ରଦାନ କରାଯାଇଥିଲା । ହସ୍ପିଟାଲରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ପଦବୀର ତୁରନ୍ତ ପୂରଣ ସହ ଡାକ୍ତର ରହଣି ଆଦି ୯ଦଫା ଦାବୀ ସମ୍ବଳିତ ପତ୍ର ପ୍ରଦାନ କରାଯାଇଥିଲା । ତେବେ ପ୍ରଶାସନ କୌଣସି ତତ୍ପରତା ପ୍ରକାଶ ପାଇନଥିବାରୁ ନୀଳଗିରି ଯୁବସମାଜ ତରଫରୁ ଆସନ୍ତା ମାର୍ଚ୍ଚ ୩ତାରିଖ ଦିନ ୧୦:୩୦ ମିନିଟ ସମୟଠାରୁ ଉପ-ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଦାବୀ ଗୁଡ଼ିକର ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣଧାରଣା ଦିଆଯିବ । ଏହା ନୀଳଗିରି ଡାକ୍ତରଖାନାର ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ଦଳ ମତ, ଧର୍ମ ନିର୍ବିଶେଷରେ ନୀଳଗିରି ଉପଖଣ୍ଡର ସମସ୍ତ ଜନସାଧାରଣ ଏହି ଧାରଣାରେ ଯୋଗ ଦେବାପାଇଁ ବିନମ୍ର ନିବେଦନ କରାଯାଇଛି ।

ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ମକ ଏକ୍ସରସାଇଜ ୨୦୨୫ ଅନୁଷ୍ଠିତ

ବାଲେଶ୍ୱର,୨୮/୨(ନି.ପ୍ର) :: ଦ୍ରୁତ ଶିଳ୍ପାୟନ ଯୁଗରେ ଆକସ୍ମିକ ଭାବେ ଘଟୁଥିବା ରାସାୟନିକ ଦୁର୍ଘଟଣା ସମୟରେ ଭୟଭୀତ ନ ହୋଇ ଏହାକୁ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ହେବା ଲକ୍ଷରେ ଆଜି ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓସଡ଼ମା ଏବଂ ଏନଡିମଏ ସହାୟତାରେ ବାଲେଶ୍ୱର ଜିଲ୍ଲାର ଇଣ୍ଡିଆନ ବଟଲିଂ ପ୍ଲାଣ୍ଟଠାରେ ମକ ଏକ୍ସରସାଇଜ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂହ ଓ ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେ ସିର୍କେ ଉପସ୍ଥିତ ରହି ଏହି ରାସାୟନିକ ମକ ଡ୍ରିଲକୁ ସୂଚାରୁ ରୂପେ ସମ୍ପାଦନା କରିବା ପାଇଁ ଦିଗ୍ଦର୍ଶନ ଦେଇଥିଲେ ଓ ସର୍ବପ୍ରଥମେ ଉକ୍ତ ଅନୁଷ୍ଠାନରେ ଏଲପିଜି ଗ୍ୟାସ ଲିକ ହେବାର କୃତ୍ରିମ ବିପର୍ଯ୍ୟୟ ନେଇ ସାଇରନ ବାଜିଥିଲା ଓ ସମ୍ଭାବ୍ୟ ବିପର୍ଯ୍ୟୟ ବିଷୟରେ ପ୍ଲାଣ୍ଟ ଭିତରେ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକରେ ସତର୍କ ସୂଚନା ଦିଆଯିବା ସହ ପ୍ରଭ୍ୱିତ ହୋଇଥିବା ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ନିକଟସ୍ଥ ଚିକିତ୍ସା ରିଲିଫ୍ ଶିବିରକୁ ନିଆଯାଇଥିଲା ଓ ଗ୍ୟାସ ଲିକ ସ୍ଥାନ ଗୁଡ଼ିକରେ ଲିକ ମରାମତି, ଫୋମ ସ୍ପ୍ରେ ଦ୍ୱାରା ଅଗ୍ନି ନିର୍ବାପନର କଳା କୌଶଳ ପ୍ରଦର୍ଶନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୋଲିସ, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଆଶାକର୍ମୀ ପ୍ରମୁଖ ଭାଗ ନେଇଥିଲେ ଓ ଶେଷରେ ଓସଡ଼ମା ଏବଂ ଏନଡିମଏ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମକ ଏକ୍ସରସାଇଜର ସମୀକ୍ଷା କରାଯାଇ ଏହା କିପରି ଆଗାମୀ ଦିନରେ ଅଧିକରୁ ଅଧିକ ଶିଳ୍ପରେ କରାଯାଇ ସଚେତନତା ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ଓ ଉକ୍ତ ଏକ୍ସରସାଇଜରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା, ବିଡ଼ିଓ ରେମୁଣା ଶ୍ରୀ ସନ୍ତୋଷ ବାରିକ, ଅତିରିକ୍ତ ତହସିଲଦାର ରେମୁଣା ଶ୍ରୀ ମନୋଜ କୁମାର ସାହୁ, କାରଖାନା ଓ ବାଷ୍ପ୍ରିତ ବିଭାଗର ବାଲେଶ୍ୱର ଜୋନର ସହକାରୀ ନିର୍ଦ୍ଦେଶକ ସୁଶ୍ରୀ ଶୁଭଶ୍ରୀ ଦୀପାଳି ମୁଦୁଲି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଅତିରିକ୍ତ ଶ୍ରମ ଅଧିକାରୀ ଶ୍ରୀ ବାସୁଦେବ ପଣ୍ଡା, ଅତିରିକ୍ତ ଅଗ୍ନିଶମ ଅଧିକାରୀ ଶ୍ରୀ ସମୀର କୁମାର ବିଶ୍ୱାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଆସନ୍ତା ୧୪ତାରିଖରୁ ଐତିହାସିକ ପତିରାଜପୁର ମେଳନ

ଖଇରା,୨୮/୨(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳନ ଆସନ୍ତା ମାର୍ଚ୍ଚ ୧୪ତାରିଖରୁ ଆରମ୍ଭ ହୋଇ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡିଶାର ବିଭିନ୍ନ ପ୍ରାନ୍ତରୁ ରାମଦୋଳି, ଠୁଙ୍କାପୁରୀ, କଂସାବାସନ ସାଙ୍ଗକୁ ୭ଶହରୁ ଉର୍ଦ୍ଧ ଦୋକାନ ମେଳାରେ ଅଂଶ ଗ୍ରହଣ କରିବେ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ଦୋଳ ମେଳନ କମିଟି ର ସଭାପତି ପିତାମ୍ବର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆଇଆଇସି ସୁଚନ୍ଦ୍ର ମହାଳିକ ଓ ତହସିଲଦାର ଅମିତ କୁମାର ହୋତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ମେଳା କମିଟିର ଅନୁମୋଦନ ପରେ ଯାତ୍ରାପାର୍ଟି ପରିବେଷଣ ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ । ମାର୍ଚ୍ଚ ୨୫ ଓ ୨୬ ତାରିଖରେ ଚାରଣ ଗୋଷ୍ଠି ତରଫରୁ ଜଗନ୍ନାଥ କଥାମୃତ ଶିକ୍ଷାଶିବିର ଅନୁଷ୍ଠିତ ହେବ । ସେହିଭଳି ୨୫ତାରିଖରେ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ସେହିଭଳି ପୂର୍ଣ୍ଣମୀ ରାତି ଓ ତାପରଦିନ ମାନଙ୍କରେ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ କମିଟିର ସହଯୋଗ କାମନା କରିଥିଲେ । ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ପାଣି, ସମ୍ପଦ ଘଡେଇ, ପ୍ରଦୀପ କୁମାର ସାମଲ, ନାରାୟଣ ଚନ୍ଦ୍ର ପାତ୍ର, କ୍ଷେତ୍ର ମୋହନ ଖଟୁଆ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲିଆପାଳ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ : ସାଂସଦଙ୍କ ପ୍ରତିନିଧିଙ୍କୁ ନେଇ ତୁମୁଳକାଣ୍ଡ

ରକ୍ତ ରଞ୍ଜିତ ହେଲା ସଭାଗୃହ: ରଣକ୍ଷେତ୍ର ପାଲଟିଲା ବ୍ଲକ ପରିସର

ବାଲିଆପାଳ ୨୮/୨(ନିପ୍ର) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଫେବୃୟାରୀ ୧୪ତାରିଖ ଦିନ ପ୍ରତି ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରିବା ପାଇଁ ଆଜି ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଥିଲା । ପଞ୍ଚାୟତ ସମିତିର ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ବୈଠକରେ ସାଂସଦଙ୍କ ପ୍ରତିନିଧି ଭାବରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ଉପସ୍ଥିତିକୁ ଗୃହରେ ଉପସ୍ଥିତ ଥିବା ବିଜୁ ଜନତା ଦଳର ସମର୍ଥିତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଦସ୍ୟ ସାଂସଦଙ୍କ ଚିଠି ଦେଖାଇବାକୁ ଜିଦ ଧରି ଶ୍ରୀ ଅଣ୍ଡିଆଙ୍କୁ ବିରୋଧ କରିଥିଲେ । ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଶରତ କୁମାର ମୁଦୁଲି ସାଂସଦ ମୋବାଇଲରେ ମେସେଜ ମାଧ୍ୟମରେ ଶ୍ରୀ ଅଣ୍ଡିଆ ତାଙ୍କର ପ୍ରତିନିଧି ଭାବରେ ଆଜିର ବୈଠକରେ ଯୋଗଦେବେ ବୋଲି ଜଣାଇଥିବା ଉପସ୍ଥିତ ସଦସ୍ୟ ମାନଙ୍କୁ ଜଣାଇଥିଲେ । ମାତ୍ର ବିଜେଡି ସମର୍ଥିତ ପିଆରଆଇ ମେୟର, ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ଏବଂ ୨୩ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା ଶ୍ରୀ ଅଣ୍ଡିଆଙ୍କୁ ବିରୋଧ କରି ସାଂସଦଙ୍କ ଚିଠି ନ ଦେଖାଇଲେ ସେ ବୈଠକରେ ଅଂଶଗ୍ରହଣ କରିପାରିବେନି ବୋଲି ଦୀର୍ଘ ସମୟ ଜିଦ ଧରି ହଙ୍ଗାମା କରିଥିଲେ । ଏହି ସମୟରେ ଜଗତିପୁର ପଞ୍ଚାୟତର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ଅତିରିକ୍ତ ବିଡିଓ ଓ ଅଧ୍ୟକ୍ଷାଙ୍କୁ ବୈଠକରେ ଏଭଳି ହଙ୍ଗାମା ଚାଲିବ ନା ବୈଠକ ହେବ ପଚାରିବା ପାଇଁ ଯାଉଥିବା ବେଳେ ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ରଙ୍କୁ ଧକ୍କା ଏବଂ ମୁଥ ମାରିଥିଲେ । ଯାହାକୁ ନେଇ ଗୃହରେ ଉପସ୍ଥିତ ଥିବା ସରପଞ୍ଚ ଓ ସମିତି ସଦସ୍ୟ ମାନେ ହୋହାଲ୍ଲା କରିଥିଲେ । ଏହି ସମୟରେ କୌଣସି ଜଣେ ପିଆରଆଇ ମେୟର ଚେୟାର ଫୋପାଡି ଥିଲେ । ଯାହା ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ମୁଣ୍ଡରେ ବାଜିଥିଲା ।ଶ୍ରୀ ମହାନ୍ତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଓ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ କରୁଛନ୍ତି ଏବଂ ଆଜିର ଏହି ସ୍ୱତନ୍ତ୍ର ବ